ଧରିତ୍ରୀ DHARITRI
ସୋମବାର, ୩୧ ଅକ୍ଟୋବର, ୨୦୨୨

## ପଣସିଆ ଶିବ ମନ୍ଦିରରୁ ଚୋରି

ବୈଶିଙ୍ଗା,(ଡି.ଏନ.ଏ): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ପଣସିଆ ଗ୍ରାମରେ ଥିବା ଶିବ ମନ୍ଦିରର ଲୁହା ଗ୍ରୀଲ ଭାଙ୍ଗି ଶନିବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତ ଠାକୁରଙ୍କ ବହୁ ମୂଲ୍ୟବାନ ଅଳଙ୍କାର ଓ ପୂଜା ସାମଗ୍ରୀ ସମେତ ପିତଳ ବାସନକୁସନ ନେଇ ଯାଇଛନ୍ତି। ଏ ନେଇ ଗ୍ରାମବାସୀ ବୈଶିଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଏଏସ୍ଆଇ ଭାବଗ୍ରାହୀ ମହାନ୍ତ ତଦନ୍ତ ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ, ଗତ ତିନି ମାସ ମଧ୍ୟରେ ଅଞ୍ଚଳର ୭ ମନ୍ଦିରରୁ ଚୋରି ହୋଇଛି। ଏ ପର୍ଯ୍ୟନ୍ତ କୌଣସି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିନାହିଁ।



## ସଂକ୍ଷେପରେ

### କେନ୍ଦ୍ର ସମବାୟ ସୋସାଇଟି ନିର୍ବାଚନ ଫଳ ପ୍ରକାଶ
### ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ବିଜୟ

ବାରିପଦା ଅଫିସ,୩୦।୧୦ : ମୟୂରଭଞ୍ଜ କେନ୍ଦ୍ର ସମବାୟ ସୋସାଇଟିର ସମସ୍ତ ୧୫ଗୋଟି ଜୋନ୍ର ନିର୍ବାଚନ ଫଳାଫଳ ଶନିବାର ପ୍ରକାଶ ପାଇଛି। ମତଦାନ ପୂର୍ବରୁ ୧୫ ଜୋନ୍ ମଧ୍ୟରୁ ୮ଜୋନ୍ରେ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିଲେ। ବାକି ୭ ଜୋନ୍ରେ ନିର୍ବାଚନରେ ସମସ୍ତ ବିଜେଡି ସମର୍ଥିତ ପ୍ରାର୍ଥୀମାନେ ବିଜୟ ଲାଭ କରିଛନ୍ତି। ବାରିପଦାର ଏମ୍କେସି ଉଚ୍ଚ ବିଦ୍ୟାଳୟ ପରିସରରେ ନିର୍ବାଚନ ଶେଷ ପରେ ଗଣତି ଅନୁଷ୍ଠିତ ହୋଇ ବିଜୟ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଜୋନ୍ ଅନୁଯାୟୀ ୧ରୁ ନିବେଦିତା ସାହୁ, ୨ରୁ ସୁନାରାମ ମାରାଣ୍ଡି, ୩ରୁ ଭାଗିରଥ ଦେହୁରୀ, ୪ରୁ ତପନ ପତି, ୫ରୁ ଜସ୍ମିନ ମାଝି, ୬ରୁ ରାଜ ଶିବନାରାୟଣ କିସ୍କୁ, ୭ରୁ ପଙ୍କଜିନୀ ନାୟକ, ୮ରୁ ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ, ୯ରୁ ଅଭିନ୍ନ ସୁନ୍ଦର ପାତ୍ର, ୧୦ରୁ ଦ୍ରୌପଦୀ ସାହୁ, ୧୧ରୁ ମୋହନଚରନ ବେହେରା,୧୨ରୁ ଗିରିଧାରୀ ପୁଷ୍ଟି, ୧୩ରୁ ମଳୟ ଜେନା, ୧୪ରୁ ସୁବ୍ରମଣ୍ୟମ ମହାନ୍ତି, ୧୫ରୁ ବିରେନ୍ଦ୍ର ନାଥ ବସାଙ୍କ ବିଜୟ ହୋଇଛି।

### ନିଖୋଜ ଯୁବକଙ୍କ ମୃତଦେହ ଜବତ

କେନ୍ଦୁଝର,୩୦।୧୦(ସ୍ୱ.ପ୍ର.): ସଦର ଥାନା କାନଝରି ଡ୍ୟାମକୁ ଡେଇଁ ନିଖୋଜ ହୋଇଥିବା ପ୍ରତୀକ ମହାନ୍ତଙ୍କ ମୃତଦେହ ୩ ଦିନ ପରେ ଜବତ ହୋଇଛି। ଅଗ୍ନିଶମ ବାହିନୀ ପକ୍ଷରୁ ଖୋଜାଖୋଜି କରି ବିଫଳ ହୋଇଥିଲେ। ରବିବାର ମୃତଦେହ ଭାସୁଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି। ପରିବାର ଲୋକ ନିଖୋଜ ମାମଲା ଥାନାରେ ଦେଇଥିଲେ।

### ଅସମ୍ପୂର୍ଣ୍ଣ ଓଭରବ୍ରିଜ୍କୁ ସିଲ୍କଲା ପ୍ରଶାସନ

ସାରସକଣା,୩୦।୧୦(ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ସମ୍ମୁଖରେ ଅସମ୍ପୂର୍ଣ୍ଣ ହୋଇ ପଡ଼ିଥିବା ୪୯ନମ୍ବର ଜାତୀୟ ରାଜପଥ ବମ୍ପେଚ୍ଛକ ଓଭରବ୍ରିଜକୁ ପ୍ରଶାସନ ସିଲ୍ କରିଛି। ଶନିବାର ସନ୍ଧ୍ୟାରେ ଏକ ଟ୍ରକ୍ ଓଭରବ୍ରିଜରୁ ତଳକୁ ଖସି ପଡ଼ି ଚାଲକଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ପୋଲିସ ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇ ରବିବାର ପୂର୍ବାହ୍ନ ୮ଟାରେ ଓଭରବ୍ରିଜକୁ ସିଲ୍ କରାଯାଇଥିଲା। ଓଭରବ୍ରିଜ୍ କାମ ପୁନର୍ବାର ଆରମ୍ଭ ନ ହେବା ପର୍ଯ୍ୟନ୍ତ ପ୍ରାଚୀର ଦ୍ୱାରା ରାସ୍ତା ବନ୍ଦ କରାଯିବ ବୋଲି ଥାନାଧିକାରୀ ଫନିନ୍ଦ୍ର ଭୂଷଣ ନାଏକ ପ୍ରକାଶ କରିଛନ୍ତି।

### ଦାବି ପୂରଣ ନ ହେଲେ ଆନ୍ଦୋଳନ

ବାଲିଆପାଳ/ଲଙ୍ଗଳେଶ୍ୱର, ୩୦।୧୦(ସ୍ୱ.ପ୍ର./ଡି.ଏନ.ଏ.)- ବାଲେଶର ଜିଲ୍ଲା ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ରବିବାର ଅପରାହ୍ନରେ ଓଡ଼ିଶା ଡ୍ରାଇଭର ମହାସଂଘ ବାଲିଆପାଳ ଶାଖା ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସରକାର ୧୦ ଦଫା ଦାବି ନ ମାନିଲେ ଓଡ଼ିଶା ଡ୍ରାଇଭର ମହାସଂଘ ପରିବାର ସହ ରାଜରାସ୍ତାକୁ ଓହ୍ଲେଇବ ବୋଲି ସଦସ୍ୟମାନେ ଏହି ଅବସରରେ ଚେତାନୀ ଦେଇଥିଲେ। ସଂଘର ସଭାପତି ଶଶୀକାନ୍ତ ପ୍ରଧାନ,ଜୟକୃଷ୍ଣ ଗଙ୍ଗାଇ,ଗୌରାଙ୍ଗ ଜେନା, ଅମୂଲ୍ୟ ସାହୁ,ସୁଦର୍ଶନ ବେହେରା,କାର୍ତ୍ତିକ ପାତ୍ର, ମୃତ୍ୟୁଞ୍ଜୟ ଜେନା, ସୁବାସ ମଣ୍ଡଳ, ପ୍ରଭାକର ମହାନ୍ତି, ବାପୁନି ପଣ୍ଡା ଓ ପ୍ରିୟରଞ୍ଜନ ଦାସଙ୍କ ସହିତ ଓଡିଶା ଡ୍ରାଇଭର ମହାସଂଘ ବାଲିଆପାଳ ଶାଖାର ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ବିଜେଡିର ଜନ ସମ୍ପର୍କ ପଦଯାତ୍ରା

ବନ୍ତ, ୩୦।୧୦(ଡି.ଏନ.ଏ.)-ଭଦ୍ରକ ଜିଲା ବନ୍ତ ପଞ୍ଚାୟତରେ ବିଜେଡି ପକ୍ଷରୁ ରାଜ୍ୟ ସମ୍ପାଦକ ପ୍ରୟାସକାନ୍ତି ସାମଲଙ୍କ ପରାମର୍ଶ କ୍ରମେ ରବିବାର ଜନସମ୍ପର୍କ ପଦଯାତ୍ରା କରାଯାଇଛି। ଦୋଳପଦୀଠାରୁ ପଦଯାତ୍ରା ଆରମ୍ଭ ହୋଇ ନରସିଂହପୁରଠାରେ ଶେଷ ହୋଇଥିଲା। ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡେଇ, ଯୁବ ବିଜେଡି ସଭାପତି ବିପିନ ନାୟକ, ପ୍ରଫୁଲ୍ଲ ରାଉତ, ପ୍ରଶାନ୍ତ ସାହୁ, ଅକ୍ଷୟ ମହାନ୍ତି, ଜିତେନ୍ଦ୍ର ରାଉତରାୟ, ଆଲୋକ ରାଉତ, ଅଖିଳ ସାହୁ, ବିଜୟ ବିଶ୍ୱାଳ, ଅଶୋକ ମହାପାତ୍ର, ଅଭୟ ନାୟକ, ସୁରେନ୍ଦ୍ର ସାହୁ, ଅମୂଲ୍ୟ ରାଉତ, ସୁରଜ ପରିଡ଼ା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ସେହିପରି ପଧାନପଡ଼ା, ଓଡଙ୍ଗ ଆଦି ପଞ୍ଚାୟତରେ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା।

# ‘ପର୍ବପର୍ବାଣି ସଂସ୍କୃତି, ପରମ୍ପରାର ପରିପ୍ରକାଶ’

### ଛଟ୍ ପୂଜା ଲାଗି ବୁଢ଼ାବଳଙ୍ଗ ନଦୀତୁଠ ବାଲିଘାଟରେ ଭିଡ଼

ବାଲେଶ୍ୱର ଅଫିସ,୩୦।୧୦

ପର୍ବପର୍ବାଣି ଗୋଟିଏ ଜାତିର କଳା, ସଂସ୍କୃତି ଓ ପରମ୍ପରାର ପରିପ୍ରକାଶ। ପର୍ବ ହିଁ ପ୍ରତିଫଳିତ କରିଥାଏ ସେହି ଜାତିର ଲୋକଙ୍କ ସାମାଜିକ ଚଳଣି ଓ ଇତିହାସ। ଭାରତବର୍ଷରେ ବିଭିନ୍ନ ଭାଷାଭାଷୀଙ୍କ ନାନା ପୂଜାପର୍ବାଣୀ ପାଳିତ ହେଉଥିବା ବେଳେ ବିହାରୀ ସମ୍ପ୍ରଦାୟର ପ୍ରକୃତିର ପର୍ବ ଛଟ୍ ପୂଜାର ଗୁରୁତ୍ୱ ଢ଼େର ଅଧିକ। ସମ୍ପ୍ରତି ଦେଶର ଯେ କୌଣସି ସ୍ଥାନରେ ବସବାସ କରୁଥିବା ଭୋଜପୁରୀ ଭାଷାଭାଷୀ ତଥା ବିହାରୀ ସମ୍ପ୍ରଦାୟର ଲୋକମାନେ ଛଟ୍ ପୂଜା କରୁଥିବା ବେଳେ ଅନ୍ୟାନ୍ୟ ଭାଷାଭାଷୀ ଓ ସ୍ଥାନୀୟ ମହିଳାମାନେ ମଧ୍ୟ ଏଥିପ୍ରତି ଆକୃଷ୍ଟ ହେଉଥିବା ଲକ୍ଷ୍ୟ କରାଯାଉଛି। ଏହି ଅବସରରେ କାର୍ତ୍ତିକ ମାସ ଶୁକ୍ଳ ପକ୍ଷର ଷଷ୍ଠୀ ତିଥିରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ ଲାଗି ବାଲେଶ୍ୱର ସହରର ବୁଢ଼ାବଳଙ୍ଗ ନଦୀ ବାଲିଘାଟ ହୋଇଉଠିଥିଲା ବେଶ ଚଳଚଞ୍ଚଳ। ଧୂପ, ଦୀପ ଓ ନୈବେଦ୍ୟ ସାଙ୍ଗକୁ ଶଙ୍ଖ ଧ୍ୱନିରେ କମ୍ପିଉଠିଥିଲା ସମଗ୍ର ଅଞ୍ଚଳ।

ନଦୀତୁଠରେ ବିହାରୀ ସମ୍ପ୍ରଦାୟର ଲୋକମାନେ ଏକତ୍ରିତ ହୋଇ କରିଥିଲେ ଛଟ୍ ମାତାଙ୍କ ପୂଜା। ଏହାକୁ ପ୍ରକୃତି ଓ ବିଶ୍ୱାସର ଏକ ମହାନ୍ ପର୍ବ ଭାବରେ ବିବେଚନା କରାଯାଏ। ଛଟ୍ ମାତାଙ୍କୁ ପୂଜା କରୁଥିବା ଭକ୍ତମାନେ ସୁଖ, ସମୃଦ୍ଧି, ଧନ-ସମ୍ପଦ ଯଶ, ଖ୍ୟାତି ଏବଂ ସମ୍ମାନ ପାଆନ୍ତି ବୋଲି ସାଧାରଣରେ ବିଶ୍ୱାସ ରହିଛି। ବ୍ରତ ପାଳନରେ ମହିଳାମାନେ ନିର୍ଜଳା ଉପବାସ ରଖୁଥିବା ବେଳେ ପରିବାରର ପୁରୁଷମାନେ ଏଥିରେ ସେମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରନ୍ତି। କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ତିଥିରୁ ଆରମ୍ଭ ହେଉଥିବା ଏହି ପର୍ବ ୪ଦିନ ଧରି ଚାଲିଥାଏ।

ଉତ୍ସବର ପର୍ବର ପ୍ରଥମ ଦିବସକୁ ନାହାୟ ଖାୟ କୁହାଯାଇଥାଏ। ଏହି ଦିନ ବ୍ରତୀମାନେ ଶୁଦ୍ଧ ଶାକାହାରୀ ଖାଦ୍ୟ ଗ୍ରହଣ କରିଥାନ୍ତି। ଏହି ଦିନ ସକାଳେ ପବିତ୍ର ନଦୀ ଜଳରେ ସ୍ନାନ ପରେ ଛଟ୍ ବ୍ରତ ପାଳନର ଶୁଭାରମ୍ଭ ସହ ସୂର୍ଯ୍ୟ ଭଗବାନଙ୍କ ଉଦ୍ଦେଶ୍ୟରେ ପ୍ରସାଦ ପ୍ରସ୍ତୁତ କରାଯାଏ। ଦ୍ୱିତୀୟ ଦିନରେ ଭକ୍ତମାନେ ଦିନସାରା ଉପବାସ ପାଳନ କରନ୍ତି ଏବଂ ସନ୍ଧ୍ୟାରେ ଖାଦ୍ୟ ଖାଆନ୍ତି। ଏହାକୁ ଖରନା କୁହାଯାଏ। ଖରନାରେ ପ୍ରସାଦ ଭାବେ ଆଖୁ ରସରେ ତିଆରି ଚାଉଳ କ୍ଷୀରି, ଚାଉଳ ପିଟା ଏବଂ ଘିଅ ରୁଟି ପ୍ରସ୍ତୁତ କରାଯାଏ। କ୍ଷୀରି ଖାଇବା ପରେ ୩୬ ଘଣ୍ଟାର ଉପବାସ ପାଳନ କରାଯାଏ। ତୃତୀୟ ଦିବସ ବା ଷଷ୍ଠୀ ତିଥି ଛଟ୍ ପୂଜାର ମୁଖ୍ୟ ଦିନ ବୋଲି ବିବେଚନା କରାଯାଏ। ସୂର୍ଯ୍ୟାସ୍ତ ପୂର୍ବରୁ ଏକ ବାଉଁଶ ଟୋକେଇରେ ଅର୍ଘ୍ୟ ପ୍ରଦାନ ନିମନ୍ତେ ସାମଗ୍ରୀ ସଜାଯାଇଥାଏ। ପରିବାର ଏବଂ ଆଖପାଖର ସମସ୍ତ ଲୋକ ଉପବାସ ସହିତ ନଦୀ ଘାଟ ଆଡକୁ ଯାଇ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରନ୍ତି। ସବୁଠାରୁ ବଡ଼ କଥା ହେଲା, ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ ପାଇଁ କେବଳ ପ୍ରକୃତି ଗତ ସାମଗ୍ରୀ ହିଁ ଗ୍ରହଣ କରାଯାଇଥାଏ। ଚତୁର୍ଥ ଦିନ ସକାଳେ ଉଦୟ ସୂର୍ଯ୍ୟଙ୍କୁ ଅର୍ପଣ କରାଯାଏ। ଏହି ଦିନ ଭକ୍ତମାନେ ସୂର୍ଯ୍ୟୋଦୟ ପୂର୍ବରୁ ପାଣିରେ ଠିଆ ହୋଇ ଉଦୟ ସୂର୍ଯ୍ୟଙ୍କୁ ଅର୍ପଣ କରନ୍ତି। ଅର୍ଘ୍ୟ ଅର୍ପଣ ପରେ ଲୋକମାନେ ପ୍ରସାଦ ଖାଇ ଉପବାସ ଭାଙ୍ଗନ୍ତି। ଏହି ପର୍ବ ପାଳନ ଅବସରରେ ନୂଆ ଚୁଲିରେ ଆମ୍ବକାଠକୁ ଜାଳେଣି ରୂପେ ବ୍ୟବହାର କରି ଖିରି ଭୋଗ ପ୍ରସ୍ତୁତ କରାଯାଇଥାଏ। ତାହାକୁ ଛଟ୍ ମାତାଙ୍କ ନିକଟରେ ଲାଗିକରି ସମସ୍ତେ ପାଇଆନ୍ତି। ବିହାରୀ ସମ୍ପ୍ରଦାୟର ଲୋକେ ଛଟ୍ ପର୍ବକୁ ଧୁମଧାମରେ ପାଳନ କରିଥାଆନ୍ତି। ଦେଶର ଅନ୍ୟ ଅଞ୍ଚଳ ଭଳି ବାଲେଶ୍ୱରର ବାଲିଘାଟଠାରେ ଦୁଇ ଦିନ ବ୍ୟାପୀ ବିହାରୀ ସମ୍ପ୍ରଦାୟର ଲୋକଙ୍କ ସମାଗମ ହୋଇଥାଏ। ବାଲିଘାଟ ବ୍ୟତୀତ ସହରର ନୂଆସାହିସ୍ଥିତ କୁକୁଡ଼ାପଦା, ଶାଳବଣି ସମେତ ବିଭିନ୍ନ ସ୍ଥାନରେ ମଧ୍ୟ ଅନୁରୂପ ପୂଜାର୍ଚ୍ଚନା ମଧ୍ୟରେ ପାଳିତ ହୋଇଥିଲା ଛଟ୍ପର୍ବ।


ବାଲିଘାଟରେ ଛଟ୍ ପୂଜା ନିମନ୍ତେ ବ୍ରତଧାରୀ ଭିଡ଼ ଜମାଇଛନ୍ତି।

## ଦୃଢ଼ ଇଚ୍ଛାଶକ୍ତି ଆଣିଦେଲା ସଫଳତା

ବାଲିଆପାଳ,୩୦।୧୦(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ଜଗତିପୁର ପଞ୍ଚାୟତର ବଗଦା ଗ୍ରାମର ଇପ୍ସିତା ବେହେରାଙ୍କ ପିଲାଦିନର ସ୍ୱପ୍ନ ‘ମୁଁ ପାଠ ପଢ଼ିବି, ବଡ଼ ହେଲେ ଡାକ୍ତରାଣୀ ହେବି’ ଏବେ ସାକାର ହେବାକୁ ଯାଉଛି। ଚଳିତ ବର୍ଷ ଏନ୍ଇଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଡାକ୍ତରୀ ପାଠ ପଢ଼ିବା ପାଇଁ ସେ ନାମ ଲେଖାଇବାର ସୁଯୋଗ ପାଇଛନ୍ତି।



ଏଥିପାଇଁ ଆଖପାଖ ଗ୍ରାମର ଲୋକଙ୍କ ସହିତ ବନ୍ଧୁ ବାନ୍ଧବ ମହଲରେ ଖୁସି ଦେଖିବାକୁ ମିଳିଛି। ଇପ୍ସିତା ବଗଦା ଗ୍ରାମର ହିମାଂଶୁ ବେହେରା ଓ ମାତା ସସ୍ମିତା ବେହେରାଙ୍କର ଝିଅ। ତାଙ୍କ ବାପା ଦୋକାନୀ ଦେଇଥିବା ବେଳେ ମା’ ଗୃହିଣୀ। ଭଗବାନ ଚନ୍ଦ୍ର ଉଚ୍ଚ ଇଂରାଜୀ ବିଦ୍ୟାଳୟ ରାଣୀଖୁଣ୍ଡିରୁ ଇପ୍ସିତା ଦଶମ ଶ୍ରେଣୀ ପରୀକ୍ଷାରେ ୫୫୫ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇ ବାଲେଶ୍ୱରର ଏକ ଘରୋଇ କଲେଜରେ +୨ରେ ନାମ ଲେଖାଇ ଥିଲେ। ପରେ +୨ ପରୀକ୍ଷାରେ ୫୨୭ ନମ୍ବର ରଖି କଲେଜରେ ଟପ୍ପର ହୋଇଥିଲେ। ଦୃଢ଼ ଇଚ୍ଛା ଶକ୍ତି ଯୋଗୁ ସେ ଏହି ସଫଳତା ହାସଲ କରିପାରିଛନ୍ତି ବୋଲି କହିଛନ୍ତି।

## ‘ତ୍ୟାଗର ତପସ୍ୱୀ ଥିଲେ ସଂଗ୍ରାମୀ ଗୌରାଙ୍ଗ’

### ରକ୍ତତୀର୍ଥ ଇରମରେ ପ୍ରତିମୂର୍ତ୍ତି ଉନ୍ମୋଚିତ



ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଅତିଥି।

ବାସୁଦେବପୁର,୩୦।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁରର ଗାନ୍ଧୀ ସ୍ୱାଧୀନତା ସଂଗ୍ରାମୀ ତଥା ସ୍ୱାଧୀନ ବାଞ୍ଛାନିଧି ଚକଲାର ରାଷ୍ଟ୍ରପତି ଗୌରାଙ୍ଗ ଚନ୍ଦ୍ର ମହାନ୍ତିଙ୍କ ପ୍ରତିମୂର୍ତ୍ତି ରକ୍ତତୀର୍ଥ ଇରମଠାରେ ରବିବାର ଉନ୍ମୋଚିତ ହୋଇଛି। ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତି ସ୍ମୃତି ସଂସଦ ବେତଡ଼ା ଓ ଇରମ ଅବସରପ୍ରାପ୍ତ କର୍ମଚାରୀ ସଂଘର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୟୋଜ୍ୟେଷ୍ଠ ସ୍ୱାଧୀନତା ସଂଗ୍ରାମୀ ବୈଲୋଚନ ଜେନା ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଶିକ୍ଷାବିତ୍ ଦୁଶାସନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପୋଲିସ କମାଣ୍ଡାଣ୍ଟ ଶତ୍ରୁଘ୍ନ ଧନୀ ଯୋଗଦେଇ କହିଥିଲେ, ଦେଶ ସ୍ୱାଧୀନତା ପାଇଁ ସଂଗ୍ରାମୀ ଗୌରାଙ୍ଗଙ୍କ ଅବଦାନ ଅତୁଳନୀୟ। ସେ ତ୍ୟାଗର ତପସ୍ୱୀ ଥିଲେ। ମୁଖ୍ୟବକ୍ତା ଭାବେ ଗବେଷକ ଡ. ଅଜୟ କୁମାର ପଣ୍ଡା, ଅନ୍ୟତମ ଅତିଥି ଭାବେ ଶିଳ୍ପପତି ମହେଶ ଚନ୍ଦ୍ର ଦାସ, ଭାଗୀରଥି ମହାନ୍ତି, ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଗଙ୍ଗାଧର ପଣ୍ଡା, ସମ୍ପାଦକ କଟଚନ୍ଦ୍ର ବେହେରା, ଗୌରାଙ୍ଗ ଚନ୍ଦ୍ର ସ୍ମୃତି ସଂସଦର ସଭାପତି ପୂର୍ଣ୍ଣଚନ୍ଦ୍ର ପରିଡ଼ା, ବରଣ୍ଡୁଆ ସରପଞ୍ଚ ଗୋବିନ୍ଦ ମଳିକ, ନିରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସ୍ମୃତି ସଂସଦର ପୃଷ୍ଠପୋଷକ ତଥା ସ୍ୱର୍ଗତ ମହାନ୍ତିଙ୍କ ପୁଅ ମାନସ ରଞ୍ଜନ ମହାନ୍ତି ସାମାଜିକ କର୍ମୀ ବୈଲୋଚନ ଜେନାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ରଞ୍ଜନ କୁମାର ନାୟକ। ଗୀତିକାର ପୀତାମ୍ବର ମିଶ୍ର, ନିତ୍ୟାନନ୍ଦ କର, ସ୍ମୃତିରଞ୍ଜନ ପଳିତା, ଗୋବର୍ଦ୍ଧନ ବଳ, ରତ୍ନାକର ବାରିକ, କବି ପ୍ରହ୍ଲାଦ ବାରିକ, ଗଙ୍ଗାଧର ଘଡ଼େଇ, ରତିକାନ୍ତ ରାୟ, ରତିକାନ୍ତ ପତି, ଭାସ୍କର ଚନ୍ଦ୍ର ବାରିକ, ରେବତୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ହୋଟେଲରେ ଅଗ୍ନିକାଣ୍ଡ

ବାରିପଦା ଅଫିସ,୩୦।୧୦

ମୟୂରଭଞ୍ଜ ଜିଲା ବାରିପଦା କଚେରି ମାର୍କେଟ ପରିସରରେ ଥିବା ସୁଭଦ୍ରା ହୋଟେଲରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ହୋଟେଲଟି ବନ୍ଦ ଥିବାବେଳେ ରାତି ପ୍ରାୟ ୧୧ଟାରେ ନିଆଁ ଲାଗିଥିବା ଦେଖି ସ୍ଥାନୀୟ ଲୋକେ ଦମକଳ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଉକ୍ତ ହୋଟେଲ ନିକଟରେ କିରୋସିନ ଡିପୋ ରହିଥିବା ବେଳେ ବଡ଼ଧରଣର ଅଗ୍ନିକାଣ୍ଡରୁ ବର୍ତ୍ତିଯାଇଛି। ଏହି ଅଗ୍ନିକାଣ୍ଡରେ କ୍ଷୟକ୍ଷତି ନେଇ ଆକଳନ ଚାଲିଥିବା କୁହାଯାଇଛି। ତେବେ ସହରର ସମସ୍ତ ହୋଟେଲ, ବହୁତଳ ପ୍ରାସାଦ, ବ୍ୟବସାୟିକ ଅନୁଷ୍ଠାନ ଓ ମଲଗୁଡ଼ିକରେ ମ୍ୟୁନିସିପାଲିଟି ଏବଂ ଅଗ୍ନିଶମ ବିଭାଗ ପକ୍ଷରୁ ତନଖି କରି ଅଗ୍ନିନିର୍ବାପକ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

## ସୂର୍ଯ୍ୟଙ୍କୁ ସନ୍ଧ୍ୟା ଅର୍ଘ୍ୟଦେଲେ ଛଟ୍ ବ୍ରତଧାରୀ

ବଡବିଲ/ଯୋଡ଼ା/ଚମ୍ପୁଆ,୩୦।୧୦ (ସ୍ୱ:ପ୍ର/ଡି.ଏନ୍.ଏ):

କେନ୍ଦୁଝର ଜିଲା ଯୋଡ଼ା, ବଡ଼ବିଲ୍, ଓ ଚମ୍ପୁଆରେ ଛଟ୍ ପୂଜା ପାଳିତ ହୋଇଛି। ବ୍ରତଧାରୀମାନେ ରବିବାର ଅସ୍ତଗାମୀ ସୂର୍ଯ୍ୟଙ୍କୁ ସନ୍ଧ୍ୟା ଅର୍ଘ୍ୟ ଦେଇଛନ୍ତି। ବଡ଼ବିଲସ୍ଥିତ ବସ୍ତିଠାରେ ଥିବା ଡ୍ୟାମ୍ ଓ ଲକ୍ଷ୍ମୀନଗର କରୋନଦୀ କୂଳରେ ଛଟ୍ ବ୍ରତଧାରୀମାନେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇଥିଲେ।

ସେହିପରି ଯୋଡ଼ା ସହରର ସୁନା ନଦୀ, ପୁରୁଣା ବଜାର ନିକଟ ଘାଟରେ ବାବା ଜଳେଶର ମନ୍ଦିର କମିଟି ପକ୍ଷରୁ ପୂଜାର ଆୟୋଜନ କରାଯାଇଥିଲା। କମିଟି ପକ୍ଷରୁ ସୂର୍ଯ୍ୟ ଦେବତାଙ୍କ ଆଳତି ଓ ପୂଜାର୍ଚ୍ଚନା କରାଯାଇଛି। ସୂର୍ଯ୍ୟ ଆଳତି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଡ଼ା ଟାଟା ଷ୍ଟିଲ ମୁଖ୍ୟ ସରୋଜ ବାନାର୍ଜୀ, ସମ୍ମାନିତ ଅତିଥି ଭାବେ ଯୋଡ଼ା ନଗରପାଳ ଡାକ୍ତର ଜଗଦୀଶ ପ୍ରସାଦ ସାହୁଙ୍କ ସମେତ ଦୁଃଶାସନ ସାହୁ, ସୁଶାନ୍ତ ବାରିକ ପ୍ରମୁଖ ଯୋଗ ଦେଇଥିଲେ।


ଜଳାଶୟରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରାଯାଉଛି।

ଚମ୍ପୁଆରେ ବୈତରଣୀ ନଦୀ ତଟରେ ପୂଜା ଅର୍ଚ୍ଚନା ପୂର୍ବକ ପ୍ରତଧାରୀ ଅର୍ଘ୍ୟ ପ୍ରଦାନ କରିଥିଲେ। ପାରମ୍ପାରିକ ରୀତିନୀତିରେ ପରିବାରର ତଥା ସମାଜର ମଙ୍ଗଳ କାମନା କରି ପୂଜା ଅର୍ଚ୍ଚନା କରାଯିବା ସହ ଛଟ୍ ପର୍ବ ପାଳନ କରାଯାଇଛି। ବିଶେଷ ଭାବରେ ମାନସିକଧାରୀମାନେ ମାନସିକ ପୂରଣ ଉଦ୍ଦେଶ୍ୟରେ ଏହି ପୂଜା ଅର୍ଚ୍ଚନା କରୁଥିବା ବେଳେ ବିଭିନ୍ନ ପ୍ରକାର ଫଳ ଓ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ଏକ ପିଠା ଭୋଗ ଲଗାଇଥିଲେ। ବିହାରୀ ସମ୍ପ୍ରଦାୟର ଏହା ଏକ ସ୍ୱତନ୍ତ୍ର ପର୍ବ ହୋଇଥିବାବେଳେ ଅନ୍ୟ ସମ୍ପ୍ରଦାୟର ଲୋକମାନେ ମଧ୍ୟ ଏଥିରେ ସାମିଲ ହୋଇଥାନ୍ତି।

## ଓୟୁଜେ ପକ୍ଷରୁ ବରିଷ୍ଠ ସଦସ୍ୟଙ୍କ ସମ୍ବର୍ଦ୍ଧନା


ଦୁଇ ବରିଷ୍ଠ ଖବରଦାତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ଔପଦା,୩୦।୧୦

ଓଡ଼ିଶା ସାମ୍ବାଦିକ ୟୁନିଅନ(ଓୟୁଜେ) ବାଲେଶ୍ୱର ଜିଲା ଶାଖାର ବରିଷ୍ଠ କର୍ମକର୍ତ୍ତାମାନେ ଔପଦାରେ ପହଞ୍ଚି ସମ୍ପର୍କ ଅଭିଯାନ ଦ୍ୱାରା ସ୍ଥାନୀୟ ଖବରଦାତାମାନଙ୍କର ସ୍ୱାସ୍ଥ୍ୟାବସ୍ଥା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଛନ୍ତି। ଔପଦାର ବରିଷ୍ଠ ଖବରଦାତା ରାମଚନ୍ଦ୍ର ଦାଶ ଓ ଗୟାଧର ନାୟକଙ୍କୁ ଓୟୁଜେ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ତଥ୍ୟଭିତ୍ତିକ ତଥା ନିରପେକ୍ଷ ଖବର ପରିବେଷଣ କଲେ ଲୋକଙ୍କ ବିଶ୍ୱାସଭାଜନ ହେବା ସହ ସାମ୍ବାଦିକତାର ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି କର୍ମକର୍ତ୍ତାମାନେ କହିଥିଲେ। ସଂଘର ବାଲେଶ୍ୱର ଶାଖା ସଭାପତି ଗଙ୍ଗାଧର ରାଉତ, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଅନାମ ଚରଣ ପଣ୍ଡା, ବରିଷ୍ଠ ସଦସ୍ୟ ଉତ୍କଳବନ୍ଧୁ ପଣ୍ଡା, ଗୟାଧର ତ୍ରିପାଠୀ, କିଶୋର ବେହେରା, ସାମାଜିକ କର୍ମୀ ଉପେନ୍ଦ୍ର ପ୍ରସାଦ ପଣ୍ଡା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ପରେ ସଂଘର କର୍ମକର୍ତ୍ତାମାନେ ଔପଦା ଥାନା ଅଧିକାରିଣୀ କମଳିନୀ ତାଣ୍ଡିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ।

## ଦୁର୍ଘଟଣାରେ ଯୁବକ ମୃତ

ଆରଡ଼ି,୩୦।୧୦(ଡି.ଏନ୍.ଏ.)

ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନ ବୋଡ଼କ ଗ୍ରାମର ରାଜେଶ କୁମାର ନାୟକ(୩୦)ଙ୍କର ଶନିବାର ଅପରାହ୍ନରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ରାଜେଶ ବାଇକ୍ରେ ତାଙ୍କ ପିଉସୀଘର ଚାନ୍ଦବାଲି ଅଞ୍ଚଳର ତାଳପଦାକୁ ଯାଉଥିବା ବେଳେ ଭଦ୍ରକ ବାଇପାସ୍ ନିକଟରେ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁରୁଣାବଜାର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏନେଇ ପୁରୁଣାବଜାର ଥାନାରେ ଏକ ମାମଲା (ନଂ.୨୫୨/୨୨) ରୁଜୁ ହୋଇଛି। ଖବର ଲେଖାହେବା ସୁଦ୍ଧା ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଠାବ କରାଯାଇପାରି ନାହିଁ।

## ଟୁଇଟର୍ ଯୋଗେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ

### ପୌରପରିଷଦରେ ତାଲା ଘଟଣା

ଆନନ୍ଦପୁର,୩୦।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ, ଅନ୍ୟାନ୍ୟ ସମସ୍ୟାକୁ ନେଇ କାଉନ୍ସିଲରଙ୍କ ଆନ୍ଦୋଳନ ଜାରି ରହିଛି। ଦୀର୍ଘ ୪ ଦିନ ଧରି କାର୍ଯ୍ୟାଳୟରେ ତାଲା ପଡ଼ିଥିବାରୁ ଲୋକେ ବହୁ ସମସ୍ୟା ଭୋଗ କରୁଛନ୍ତି। ଏ ନେଇ ଗଣମାଧ୍ୟରେ ପ୍ରକାଶିତ ଖବରକୁ ଆଧାର କରି ମାନବାଧିକାର କର୍ମୀ ହିମାଂଶୁଶେଖର ନାୟକ ଟୁଇଟର୍ ଯୋଗେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସହରାଞ୍ଚଳ ବିକାଶ ସଚିବଙ୍କୁ ଅଭିଯୋଗ କରିଛନ୍ତି। ସାଧାରଣ ଲୋକଙ୍କ ଜରୁରୀ ଆବଶ୍ୟକତାକୁ ନଜରରେ ରଖି ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଆନନ୍ଦପୁର ଉପଜିଲାପାଳ ଅନୀଲ ସେଠୀଙ୍କୁ ପଚରାଯିବାରୁ, ଆଲୋଚନା ଚାଲିଛି, ଖୁବ୍ଶୀଘ୍ର ଏହାର ସମାଧାନ ହେବ ବୋଲି କହିଛନ୍ତି। ପୌର ଅଧିକାରୀ ଲଳିତ ନାୟକଙ୍କୁ ପଚାରାଯିବାରୁ ସହର ଉନ୍ନୟନ ବିଭାଗ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଏ ସମ୍ପର୍କରେ ଅବଗତ କରିଛୁ। ସେ ଯାହା ପଦକ୍ଷେପ ନେବେ ବୋଲି କହିଥିଲେ।

ସୂଚନାଯୋଗ୍ୟ, କର୍ମଚାରୀ ଅଭାବ ଜନିତ ସମସ୍ୟାକୁ ନେଇ ଚଳିତ ମାସ ୧୨ରେ କାଉନ୍ସିଲରମାନେ ଆନନ୍ଦପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ୧୩ରେ ଉପଜିଲାପାଳ କାଉନ୍ସିଲରମାନଙ୍କ ସହିତ ଆଲୋଚନା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପରବର୍ତ୍ତୀ ସମୟରେ ପୌରପରିଷଦର ସିଓଙ୍କ ବଦଳି ଆଦେଶ ହୋଇଥିଲା। କାଉନ୍ସିଲରମାନେ ବଦଳିକୁ ବାତିଲ ଦାବି କରି ଧାରଣାରେ ବସିଛନ୍ତି।

## କରାଟେ ପ୍ରତିଯୋଗୀ ଚୟନ ଶିବିର

ନୀଳଗିରି,୩୦।୧୦(ସ୍ୱ.ପ୍ର.)

ରାଜ୍ୟସ୍ତରୀୟ ସବ୍ଜୁନିୟର କରାଟେ ଚାମ୍ପିୟନସିପ୍ ପାଇଁ ପ୍ରତିଯୋଗୀ ଚୟନ ଶିବିର ନୀଳଗିରି ବଡ଼ଦାଣ୍ଡରେ ଥିବା ଏକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ନଭେମ୍ବର ୧୧ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ସବ୍ଜୁନିୟର କରାଟେ ଚାମ୍ପିୟନସିପ ପାଇଁ ରାଜ୍ୟର ପ୍ରତି କୋଣ ଅନୁକୋଣରୁ ଉତ୍ସାହୀ କରାଟେ ଖେଳାଳିଙ୍କୁ ନେଇ ବିଭିନ୍ନ ସ୍ଥାନରେ ଚୟନ ଶିବିର ଅନୁଷ୍ଠିତ ହେଉଛି। ଏହିକ୍ରମରେ ନୀଳଗିରିଠାରେ ବହୁ ଉତ୍ସାହୀ ଯୁବକ କରାଟେ ଶିବିରକୁ ଆସି ଚୟନ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ଏହି ଶିବିରକୁ ବାଲେଶ୍ୱର ଜିଲା କରାଟେ ସଂଘ ସାଧାରଣ ସମ୍ପାଦକ ସମୀର ରଞ୍ଜନ ତାଳବି ପରିଚାଳନା କରିଥିଲେ। ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲ ପରିସରରେ ରାଜ୍ୟସ୍ତରୀୟ ସବ୍ଜୁନିୟର କରାଟେ ଚାମ୍ପିୟନସିପ ହେବାର ସ୍ଥିରିକୃତ ହୋଇଛି।

## ବିଡିଓଙ୍କୁ ତଦନ୍ତ ରିପୋର୍ଟଦେଲା ୫ ଜଣିଆ ଟିମ୍

### ଶଢ଼ା ପଞ୍ଚାୟତରେ ହରିଶ୍ଚନ୍ଦ୍ର ଦୁର୍ନୀତି ପ୍ରସଙ୍ଗ

ହାଟଡ଼ିହୀ,୩୦।୧୦(ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଶଢ଼ା ପଞ୍ଚାୟତରେ ହରିଶ୍ଚନ୍ଦ୍ର ଅନୁଦାନ ହେରଫେର ଘଟଣାରେ ତଦନ୍ତ ହୋଇଛି। ହାଟଡ଼ିହୀ ବିଡିଓ ବିନିତା ବିଜୟନୀଙ୍କ ଚିଠି (ନଂ ୩୪୮୧/୨୭ଅକ୍ଟୋବର ୨୦୨୨) ଅନୁସାରେ ଏକ ପାଞ୍ଚ ଜଣିଆ ଟିମ୍ ଗତ ଶୁକ୍ରବାର, ଶନିବାର ଦୁଇ ଦିନ ଧରି ତଦନ୍ତ କରିଥିଲା। ଟିମ୍ରେ ଥିବା ପଞ୍ଚାୟତ ଏକ୍ଜିକ୍ୟୁଟିଭ୍ ଅଫିସର(ପିଇଓ) ଉମାକାନ୍ତ ସା, ଅମୂଲ୍ୟ ପହି, ଶରତ ବେଜ, ଶରତ ସାହୁ ଏବଂ ଶଢ଼ା ଅଙ୍ଗନୱାଡ଼ି କର୍ମୀ ୧୦୯ ଜଣ ହିତାଧିକାରୀଙ୍କ ଘରକୁ ଯାଇ ଘଟଣାର ତଦନ୍ତ କରିଥିଲେ। ତଦନ୍ତ ରିପୋର୍ଟ ବିଡିଓଙ୍କୁ ପ୍ରଦାନ କରାଯାଇଥିବା ଟିମ୍ ସୂଚନା ଦେଇଛନ୍ତି।

ଟିମ୍ ସଦସ୍ୟ ଶରତ ବେଜ କହିଛନ୍ତି, ଶଢ଼ା, ମିଠିଗାଁ, ନାହା, ପଦାରୁଖା, ରଘୁନାଥପୁର, ଜନ୍ତାଳପଦୀ ଓ ମଉଦା ଆଦି ଗ୍ରାମରେ ତଦନ୍ତ କରାଯାଇଛି। ବହୁ ହିତାଧିକାରୀଙ୍କ ପରିବାର ସଦସ୍ୟଙ୍କ ମଧ୍ୟରୁ ଜଣେ ସଦସ୍ୟ ଅନୁଦାନ ନେଇଥିବା କହିଥିବା ବେଳେ କିଛି ସଦସ୍ୟ ଅନୁଦାନ ପାଇ ନ ଥିବା କହିଥିଲେ। ଜଣେ ମୃତ ବ୍ୟକ୍ତିଙ୍କ ନାମ ଅନ୍ଲାଇନ ଏଣ୍ଟ୍ରି ବେଳେ ତ୍ରୁଟିଗତ କାରଣରୁ ସେହି ପରିବାରର ଅନ୍ୟ ଜଣେ ବ୍ୟକ୍ତିଙ୍କ ନାମ ଏଣ୍ଟ୍ରି ହୋଇଥିବା ଜଣାଯାଇଛି। ନୂତନ ସରପଞ୍ଚଙ୍କ ସମୟରେ ୮ ହିତାଧିକାରୀଙ୍କୁ ଅନୁଦାନ ମିଳିନି। ସେହିପରି ଟିମ୍ର ଉମାକାନ୍ତ ସାହୁ ଏବଂ ଅମୂଲ୍ୟ ପହି କହିଛନ୍ତି, ହିତାଧିକାରୀ ହରିଶ୍ଚନ୍ଦ୍ର ଅନୁଦାନ ପାଇଥିବା ବେଳେ ଦାନବୀର ହରିଶ୍ଚନ୍ଦ୍ର ଅନୁଦାନ ପାଇ ନ ଥିବା କହିଥିଲେ। ଏଥିସହ କେତେକ ହିତାଧିକାରୀ ପୂର୍ବତନ ସରପଞ୍ଚଙ୍କ ସମୟରେ ଅନୁଦାନ ପ୍ରଦାନରେ ବ୍ୟତିକ୍ରମ ହୋଇଥିବା କହିଥିଲେ। ଆନନ୍ଦପୁର ଉପଜିଲାପାଳ ଅନିଲ ସେଠୀ କହିଛନ୍ତି ଯେ, ତଦନ୍ତ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ। ପୂର୍ବତନ ସରପଞ୍ଚ ଜୟନ୍ତୀ ସାମଲ କହିଛନ୍ତି ଯେ, ହିତାଧିକାରୀ ଅନୁଦାନ ଅର୍ଥ ପାଇଛନ୍ତି। କିନ୍ତୁ ରାଜନୈତିକ ଫାଇଦା ପାଇଁ ବିରୋଧୀ ହିତାଧିକାରୀଙ୍କ ଜରିଆରେ ମିଛ କୁହାଉଛନ୍ତି। ହରିଶ୍ଚନ୍ଦ୍ର ଅନୁଦାନ ପାଇଥିବା, ଦାନବୀର ହରିଶ୍ଚନ୍ଦ୍ର ଅନୁଦାନ ପାଇ ନ ଥିବା କହିବା ହାସ୍ୟାସ୍ପଦ ବୋଲି ସେ କହିଥିଲେ।

## ସ୍ୱଚ୍ଛ ଭାରତ ଅଭିଯାନ

ବଡ଼ସାହି,(ଡି.ଏନ୍.ଏ.)-ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ପାଉଁଶିଆ ପଞ୍ଚାୟତ ରାଜୀବ ଭବନଠାରେ ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ନେହେରୁ ଯୁବକେନ୍ଦ୍ରର ବଡ଼ସାହି ବ୍ଲକ ଶାଖା ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସନାତନ ସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନେହେରୁ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀ ଶାନ୍ତିଲତା ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

## ଆଜି କ'ଣ କେଉଁଠି

**ବାଲେଶ୍ୱର**

- ରାଷ୍ଟ୍ରୀୟ ଏକତା ଦିବସ, ଏକ ଭାରତ ଶ୍ରେଷ୍ଠ ଭାରତ, ସ୍ଥାନ- ସରସ୍ୱତୀ ପ୍ରାଥମିକ ବିଦ୍ୟାଳୟ ପଡ଼ିଆ, ବାଲେଶ୍ୱର: ସମୟ - ପୂର୍ବାହ୍ଣ ୧୦ଟା।
- ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ,ସ୍ଥାନ- ଫାଣ୍ଡିଛକ: ସମୟ - ପୂର୍ବାହ୍ଣ ୧୦ଟା ୩୦।
- ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ- ନୃତ୍ୟ ସଙ୍ଗୀତ କଳା ମନ୍ଦିର: ସମୟ- ସନ୍ଧ୍ୟା ୬ଟା।

**କେନ୍ଦୁଝର**

- ବିଜେଡିର ଜନସମ୍ପର୍କ ପଦଯାତ୍ରା ସ୍ଥାନ -ବୁଢ଼ିକାପୁଡ଼ି, ପାଟଣା। ସମୟ -ସକାଳ ୯ ଟା
- ଚମ୍ପୁଆର କାଞ୍ଜିଆସୁଳାରୁ ପାଟଣାର ତୁରୁମୁଙ୍ଗା ରାସ୍ତା ଶିଳାନ୍ୟାସ। ସ୍ଥାନ- ଖାଲିଆ ବେଡ଼ା, ସମୟ- ଦିନ ୧୦ ଟା

# ଗଡ଼ ଦଖଲ ପାଇଁ ପ୍ରଚାର ଲଢ଼େଇ



ଭାଜପା ପ୍ରାର୍ଥୀଙ୍କ ପାଇଁ କର୍ମକର୍ତ୍ତାଙ୍କ ସହ ପ୍ରଚାର କରୁଛନ୍ତି ରାଜ୍ୟ ସଭାପତି ସମୀର ମହାନ୍ତି।



ତିହିଡ଼ି ବ୍ଲକ ତାଳପଦା ପଞ୍ଚାୟତରେ ବିଜେଡି ପକ୍ଷରୁ ପ୍ରଚାର କରାଯାଉଛି।

**ଭଦ୍ରକ ଅଫିସ/ଧାମନଗର(ଡି.ଏନ୍.ଏ.), ୩୦।୧୦**

ଧାମନଗର ଉପନିର୍ବାଚନ ଆଉ ମାତ୍ର ୩ଦିନ ରହିଛି। ଆସନ୍ତା ମଙ୍ଗଳବାର ପ୍ରଚାର ଶେଷ ହେଉଥିବାରୁ ସବୁ ପ୍ରାର୍ଥୀଙ୍କ ପକ୍ଷରୁ ପ୍ରଚାରକୁ ଜୋରଦାର କରାଯାଇଛି। ଗଡ଼ ଦଖଲ ପାଇଁ ପ୍ରଚାର ଲଢ଼େଇ ଚାଲିଛି। ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ ବାଣୀ ଶୁଣାଇ ଭୋଟ୍ ମାଗିଲା ଭାଜପା। ରୋଡ୍‌ଶୋ', ସାଧାରଣ ସଭା କରି ବିଜେଡି ଓ କଂଗ୍ରେସ ପକ୍ଷରୁ ପ୍ରଚାର କରାଯାଉଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର ଦାସ ମଧ୍ୟ ଘର ଘର ବୁଲି ଲୋକଙ୍କୁ ମନାଇବା ସହ ରାଲି କରି ଭୋଟ୍ ଭିକ୍ଷା କରିଛନ୍ତି। ୩ ଦଳର ଷ୍ଟାର ପ୍ରଚାରକ ଅଲଗା ଅଲଗା ଜୋନ୍‌ରେ ପ୍ରଚାରରେ ଲାଗିଛନ୍ତି। ରୋଡ୍‌ଶୋ' ଓ ବାଇକ୍ ରାଲିରେ ରାସ୍ତା ଜାମ୍ ହୋଇଯାଉଛି। ଧାମନଗରବାସୀଙ୍କ ଶ୍ରଦ୍ଧା ଓ ସମର୍ଥନ ଦିବଂଗତ ଜନନେତା ବିଷ୍ଣୁ ସେଠୀଙ୍କ ପୁତ୍ର ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରତି ରହିଛି। ଲୋକଙ୍କ ଆଶୀର୍ବାଦ ସୂରଜଙ୍କ ଭଳି ଜଣେ ଯୁବ ନେତୃତ୍ୱକୁ ମାଟି ମା'ର ସେବା କରିବାର ସୁଯୋଗ ଦେବ ବୋଲି ପ୍ରଚାର ମଙ୍ଗ ଧରିଥିବା ଦଳର ରାଜ୍ୟ ସଭାପତି ସମୀର ମହାନ୍ତି ରବିବାର ଧାମନଗର ଏନ୍‌ଏସିର ଦକ୍ଷିଣବାଡ଼ ପାଲା ମଣ୍ଡପରେ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରକାଶ କରିଛନ୍ତି। ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ରାଜ୍ୟ ପ୍ରବକ୍ତା ବିରଞ୍ଚି ନାରାୟଣ ତ୍ରିପାଠୀ, ମନୋଜ ମହାପାତ୍ର, ଜଗନ୍ନାଥ ପ୍ରଧାନ, ଅଶୋକ ମିଶ୍ର, ସୁକାନ୍ତ ବିଶ୍ୱାଳ, ଜଗନ୍ନାଥ ଦାସ, କୈଳାସ ମହାପାତ୍ର ପ୍ରମୁଖ ଏନ୍‌ଏସି ଅଞ୍ଚଳର ବିଭିନ୍ନ ୱାର୍ଡକୁ ଯାଇ ଲୋକଙ୍କୁ ଭେଟି ସୂର୍ଯ୍ୟବଂଶୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ସେହିପରି କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଧୂଷୁରୀଠାରେ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଯୋଗଦେବା ସହ ଅର୍ଜୁନପୁର, ହସନାବାଦ, ନଦୀଗାଁ ପଞ୍ଚାୟତର ବିଭିନ୍ନ ଗାଁରେ ବୁଲି ପ୍ରଚାର କରିଥିଲେ। ପ୍ରଚାର ସମୟରେ ଧାମନଗରବାସୀଙ୍କୁ ବନ୍ୟା ଦାଉରୁ ମୁକ୍ତି କରିବା ପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ସନ୍ଧ୍ୟାରେ ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ ଦୋବାଲ ବସ୍‌ଷ୍ଟାଣ୍ଡଠାରେ ଏକ ପଥପ୍ରାନ୍ତ ସଭା କରି ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀଙ୍କ ପାଇଁ ପ୍ରଚାର କରିଛନ୍ତି। ଭାଜପାର ପୂର୍ବତନ ଜିଲା ସଭାପତି ଅକ୍ଷୟ ସାହୁ, ଗୀତିକାର ପଞ୍ଚାନନ ନାୟକ, ସରୋଜ ସାହୁ, ବିଦ୍ୟାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଜେଡି ପକ୍ଷରୁ ତିହିଡ଼ି ବ୍ଲକର ତାଳପଦା, ଗୁଆମାଳ, ଦୋଳସାହି, ଅଚକ, ନୟାନନ୍ଦପୁର ଆଦି ପଞ୍ଚାୟତରେ ଦଳୀୟ ପ୍ରାର୍ଥୀ ଅବନ୍ତୀଙ୍କ ସପକ୍ଷରେ ପ୍ରଚାର କରାଯାଇଛି। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ପର୍ଶୁରାମ ଧଡ଼ା, ଦେବୀ ମିଶ୍ର, ଜିଲା ପରିଷଦ ସଭ୍ୟା ରୁଜାତା ପଣ୍ଡା ପ୍ରମୁଖ ଯୋଗଦେଇ ରୋଡ୍‌ଶୋ', ବାଇକ୍ ରାଲି ଓ ପଥପ୍ରାନ୍ତ ସଭା କରି ଦଳର ମହିଳା ପ୍ରାର୍ଥୀ ଅବନ୍ତୀ ଦାସଙ୍କୁ ଭୋଟ୍ ଦେଇ ରାଜ୍ୟର ବିକାଶଧାରାରେ ଧାମନଗରକୁ ସାମିଲ କରିବା ପାଇଁ ଲୋକଙ୍କୁ ନିବେଦନ କରିଥିଲେ। କଂଗ୍ରେସ ପ୍ରାର୍ଥୀ ହରେକୃଷ୍ଣ ସେଠୀ ରୋଡ୍‌ଶୋ' କରି ଭୋଟ୍ ଭିକ୍ଷା କରିଛନ୍ତି। ଦୋବଲ ଜୋନ୍‌ରେ ଅନୁଷ୍ଠିତ ରୋଡଶୋ'ରେ ଜୋନ୍ ସଭାପତି ସଞ୍ଜୟ ମିଶ୍ରଙ୍କ ନେତୃତ୍ୱରେ ପ୍ରାର୍ଥୀ ହରେକୃଷ୍ଣଙ୍କ ସହ ଏଆଇସିସି ସମ୍ପାଦକ ରୁଦ୍ର ରାଜୁ, ବିଧାୟକ ସନ୍ତୋଷ ସିଂ ସାଲୁଜା, ଅଧିରାଜ ପାଣିଗ୍ରାହୀ, ଚିରଞ୍ଜୀବ ବିଶ୍ୱାଳ, ଦେବାଶିଷ ପଟ୍ଟନାୟକ, ଦଶରଥ ଗମାଙ୍ଗୋ, ସନ୍ତୋଷ ନନ୍ଦ, ଅଭିଷେକ ରାଉତ ପ୍ରମୁଖ ସାମିଲ ଥିଲେ। ସେହିପରି ଏହି ଉପନିର୍ବାଚନରେ ଚର୍ଚ୍ଚିତ ଚେହେରା ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର ସମର୍ଥକଙ୍କ ସହ ତିହିଡ଼ି ବ୍ଲକର ପାଳିଆ, ଅଚକ, ଦୋଳସାହି ପଞ୍ଚାୟତର ବିଭିନ୍ନ ଗ୍ରାମରେ ବାଇକ୍ ରାଲି କରି ଶକ୍ତି ପ୍ରଦର୍ଶନ କରିଛନ୍ତି।



କଂଗ୍ରେସର ରୋଡ୍‌ଶୋ'।

## 'ନିର୍ବାଚନ ସମୟରେ ସଂଖ୍ୟାଲଘୁଙ୍କୁ ମିଥ୍ୟା ପ୍ରତିଶ୍ରୁତି'

**ଧାମନଗର, ୩୦।୧୦ (ଡି.ଏନ୍.ଏ.)**

୨୨ ବର୍ଷ ଧରି ରାଜ୍ୟ ସରକାର ସଂଖ୍ୟାଲଘୁ ସମ୍ପ୍ରଦାୟକୁ ନିଜର ଭୋଟ ବ୍ୟାଙ୍କ ଭାବେ ବ୍ୟବହାର ପାଇଁ ନିର୍ବାଚନ ବେଳେ ମିଥ୍ୟା ପ୍ରତିଶ୍ରୁତି ଦେଇ ଆସୁଛନ୍ତି। କିନ୍ତୁ ସଂଖ୍ୟାଲଘୁଙ୍କ ଉନ୍ନତି ନେଇ କୌଣସି ଆନ୍ତରିକତା ପ୍ରଦର୍ଶନ କରାଯାଉ ନାହିଁ। ନବୀନ ସରକାରରେ ଏହି ସମ୍ପ୍ରଦାୟ ଉପେକ୍ଷିତ ବୋଲି ଭାଜପା ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ସେକ୍ ସିକନ୍ଦର ଅଲ୍ଲୀ ରବିବାର ଧାମନଗର ଏନ୍‌ଏସି ଅଧୀନ ଭାଜପା କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀରେ ଆରୋପ କରିଛନ୍ତି। ସେ ଆହୁରି କହିଥିଲେ ଯେ, ରାଜ୍ୟରେ ତିନି ପ୍ରତିଶତ ସଂଖ୍ୟାଲଘୁ ଲୋକ ବସବାସ କରୁଥିଲେ ବି ସେମାନଙ୍କ ଶିକ୍ଷାର ଉନ୍ନତି ପାଇଁ ମଦ୍ରାସାଗୁଡ଼ିକୁ ସରକାର ଆବଶ୍ୟକ ଅନୁଦାନ ପ୍ରଦାନ କରୁନାହାନ୍ତି। ସେହିପରି ସଂଖ୍ୟାଲଘୁମାନଙ୍କ ମୌଳିକ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେଉ ନ ଥିବାରୁ ଅନେକ ଏବେବି ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି। ନିର୍ବାଚନ ସମୟରେ ସଂଖ୍ୟାଲଘୁଙ୍କୁ ଭୁଆଁ ବୁଲାଇ ଭୋଟ୍ ହାତେଇବା ପାଇଁ ପ୍ରତିଶ୍ରୁତି ଦେଇ ବିଶ୍ୱାସଘାତକତା କରିଆସୁଛନ୍ତି। ଏଣୁ ଉପନିର୍ବାଚନରେ ଧାମନଗରର ସଂଖ୍ୟାଲଘୁ ସମ୍ପ୍ରଦାୟ ବିଜେଡି ବିରୋଧରେ ମତଦାନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଂଖ୍ୟାଲଘୁ ମୋର୍ଚ୍ଚାର ମହମ୍ମଦ ସବର ଅଲ୍ଲୀ, ଗୋଲାମ ଜିଲାନି ହବିବ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ସେକ୍ ସିକନ୍ଦର ଅଲ୍ଲୀ ଓ ଅନ୍ୟମାନେ।

## ପରାଗରେ ବିରିୟାନି ଖାଇବାକୁ ନେଇ ପ୍ରତିବାଦ

ବାରିପଦା ଅଫିସ, ୩୦।୧୦- ସୂର୍ଯ୍ୟପରାଗରେ ହେତୁବାଦୀଙ୍କ ପକ୍ଷରୁ ବିରିୟାନି ଖାଇବା ଓ ବାଣ୍ଟିବା ପ୍ରସଙ୍ଗକୁ ନେଇ ରବିବାର ରାଜ୍ୟ ସେବାୟତ ସଂଘ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏନେଇ ହେତୁବାଦୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିବାକୁ ବାରିପଦାସ୍ଥିତ ହରିବଳଦେବଜୀଉ ମନ୍ଦିର ପ୍ରାଙ୍ଗଣରେ ସଂଘର ସଭାପତି କାମେଶ୍ୱର ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆହ୍ୱାନ ଦିଆଯାଇଛି। ବର୍ଷ ବର୍ଷ ଧରି ଚଳି ଆସୁଥିବା ପରମ୍ପରାକୁ ଅସମ୍ମାନ କରିବା ଅତି ନିନ୍ଦନୀୟ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହାକୁ ନେଇ ସୋମବାରଠାରୁ ସ୍ଥାନୀୟ ଅଞ୍ଚଳ ଥାନାରେ ହେତୁବାଦୀଙ୍କ ବିରୋଧରେ ଅଭିଯୋଗ କରାଯିବା ପାଇଁ ସଂଘର ରାଜ୍ୟ ସଭାପତି ସେବାୟତମାନଙ୍କୁ ଆହ୍ୱାନ ଦେଇଛନ୍ତି।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

ପାଟଣା,୩୦।୧୦(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ନିର୍ବାଚନମଣ୍ଡଳୀର ସାହାରପଡ଼ା ବ୍ଲକ୍‌ରେ ଶନିବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ପଦଯାତ୍ରା ବ୍ଲକ୍‌ର ରାଇଡ଼ିହା, ଖଡ଼ିକାପଦା, କୁଣ୍ଡଳା, ଦାମାହୁଦା ପଞ୍ଚାୟତ ଗୋଜାପଥର ଗ୍ରାମ ପରିକ୍ରମା କରିଛି। ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ଜଗନ୍ନାଥ ନାଏକଙ୍କ ନେତୃତ୍ୱରେ ସାହାରପଡ଼ା ବ୍ଲକ୍ ଅଧକ୍ଷା ରୀନା ନାୟକ, ଉପାଧକ୍ଷା ଛବିରାଣୀ ସେଠୀ, ବ୍ଲକ୍ ବିଜେଡି ସଭାପତି ଗୋବିନ୍ଦ ମହାନ୍ତ, ଜିଲା ଉପସଭାପତି ଦିଲ୍ଲୀପ ସାହୁ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ ରାଜ, କୃଷ୍ଣଚନ୍ଦ୍ର ମହାପାତ୍ର, ସତ୍ୟନାରାୟଣ ପଣ୍ଡା, ମହିଳା ସଭାପତି ଅନିତା କୁସୁମାଳିଆ, ଅଧକ୍ଷା ରୀନା ନାୟକ, ୨୯ ନଂ. ଜିଲାପରିଷଦ ସଦସ୍ୟ ବୁଦ୍ଧଦେବ ମହାକୁଡ଼, ୩୦ନଂ. ଜିଲାପରିଷଦ ଚମ୍ପାବତୀ ଟୁଡୁ, ହିମାଂଶୁ ଶେଖର ବେହେରା ସାମିଲ ହୋଇଥିଲେ।

## ଜିଲାପାଳ, ଏସ୍‌ପିଙ୍କୁ ଭେଟିଲା ଭାଜପା ପ୍ରତିନିଧିମଣ୍ଡଳୀ

# ଅବାଧ, ନିରପେକ୍ଷ ନିର୍ବାଚନ ହେଉ

**ଭଦ୍ରକ ଅଫିସ, ୩୦।୧୦**

ଧାମନଗର ଉପନିର୍ବାଚନ ପରିଚାଳନାରେ ନିରପେକ୍ଷତା ଅବଲମ୍ବନ କରିବା ପାଇଁ ରବିବାର ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ଭଦ୍ରକ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍‌ପି ଚରଣ ସିଂ ମୀନାଙ୍କୁ ଭେଟି ଦାବି କରିଛନ୍ତି। ଏ ପ୍ରସଙ୍ଗରେ ସମୀର କହିଛନ୍ତି, ଧାମନଗରରେ ପଞ୍ଚାୟତସ୍ତରରେ କାମ କରୁଥିବା ବିଭିନ୍ନ ସରକାରୀ କର୍ମଚାରୀଙ୍କ ମାଧ୍ୟମରେ ବିଜେଡି ଭୋଟରଙ୍କୁ ଟଙ୍କା ବାଣ୍ଟୁଥିବାର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ଧାମନଗରରେ ମହିଳାମାନଙ୍କୁ ସରକାରୀ ଅର୍ଥ ବଣ୍ଟାଯାଇଥିଲା। ସୋମବାର ଧାମନଗରରେ ଭର୍ଚୁଆଲ ମୋଡ୍‌ରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭା ପାଇଁ ଲୋକ ଏକାଠି କରିବାକୁ ସିଆର୍‌ପି, ଏମ୍‌ବିକେ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜଳ ଯୋଗାଣ କର୍ମଚାରୀ, ବିଡିଓ, ଶିକ୍ଷକମାନଙ୍କୁ ବିଜେଡିର ମନ୍ତ୍ରୀ ଓ ବିଧାୟକମାନେ ଚାପ ପକାଉଥିବା ସେ ଅଭିଯୋଗ କରିଛନ୍ତି। ସେହିପରି ଧାମନଗର ଅଞ୍ଚଳରେ ଆଗୁଆ ବାର୍ଦ୍ଧକ୍ୟ, ବିଧବା ଭତ୍ତା ବଣ୍ଟନ କରାଯାଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଶାସକ ଦଳ ଇଙ୍ଗିତରେ ଭାଜପାର ୧୦୮୬ଜଣ କର୍ମୀ ଓ ସମର୍ଥକଙ୍କୁ ହଇରାଣ କରିବା ଉଦ୍ଦେଶ୍ୟରେ ସିଆର୍‌ପିସି ଧାରା ୧୦୭ ଆଧାରରେ ନୋଟିସ ପଠାଇ ସେମାନଙ୍କୁ ହଇରାଣ କରାଯାଉଛି। ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ଏସ୍‌ପି ଓ ଜିଲାପାଳ ଆବଶ୍ୟକ ପଦକ୍ଷେପ ନେବାକୁ ସେ ଦାବି ଜଣାଇଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ନିତ୍ୟାନନ୍ଦ ଗଣ୍ଡ, କୁସୁମ ଟେଟେ, ମୁଖପାତ୍ର ମନୋଜ ମହାପାତ୍ର, ଅନୀଲ ବିଶ୍ୱାଳ, ଗଣମାଧ୍ୟମ ମୁଖ୍ୟ ସୁଜିତ ଦାସ ପ୍ରମୁଖ ସାମିଲ ଥିଲେ।



ଭାଜପା ପକ୍ଷରୁ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ସିଆରପିଏଫ୍ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

**ବାଙ୍ଗିରିପୋଷି,୩୦।୧୦(ଡି.ଏନ୍.ଏ)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ୍ ମଝିଗାଁ ଗ୍ରାମର ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ(ସିଆର୍‌ପିଏଫ୍) ଯବାନ ଦୀପକ ନାଏକ (୪୦)ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ନାଗାଲାଣ୍ଡର କୋଇମାଠାରେ କାର୍ଯ୍ୟରତ ଥିବା ବେଳେ ଗତ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଥିଲା। ସେ ଗତ ୨୦ ତାରିଖରେ ଅସୁସ୍ଥ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ସ୍ୱାସ୍ଥ୍ୟ ଅବସ୍ଥା ବିଗିଡିବାରୁ ଗୁହାଟି ସ୍ଥିତ ନାରାୟଣ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ମୃତ୍ୟୁବରଣ କରିଥିଲେ। ରବିବାର ସକାଳେ ମରଶରୀର ଗ୍ରାମରେ ପହଞ୍ଚିଥିଲା। ଗ୍ରାମ ଶ୍ମଶାନରେ ଦାହ କରିବା ପୂର୍ବରୁ ସିଆର୍‌ପିଏଫ୍ ତରଫରୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ସ୍ଥାନୀୟ ପୂର୍ବତନ ବ୍ଲକ୍ ଅଧକ୍ଷ ପ୍ରିୟ ମାର୍ଣ୍ଡି ଏବଂ ସୁବୋଧ ମାର୍ଣ୍ଡି, ବ୍ଲକ୍ ଉପାଧକ୍ଷ ରତିକାନ୍ତ ସିଂ, ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ମୁର୍ମୁ, ବାଙ୍ଗିରିପୋଷି ଥାନା ଏସ୍‌ଆଇ ଘନଶ୍ୟାମ ମଲ୍ଲିକ, ଏଏସ୍‌ଆଇ ସୁନ୍ଦର ମୋହନ ବାରିକଙ୍କ ସହିତ ୧ ହଜାରରୁ ଉର୍ଦ୍ଧ୍ୱ ସ୍ଥାନୀୟ ଜନସାଧରଣ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ଯୋଡ଼ା,୩୦।୧୦(ଡି.ଏନ.ଏ)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍‌ରେ ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଯୋଡ଼ା ବ୍ଲକ୍ ଅଧକ୍ଷ କିନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବେ ବିରିକଳା ପଞ୍ଚାୟତ ସମିତିସଭ୍ୟ ଜ୍ଞାନ ରଞ୍ଜନ ଖୁଣ୍ଟିଆ, ବିଲେଇପଦା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପରେଶ ଚନ୍ଦ୍ର ପ୍ରଧାନ, ଦଣ୍ଡୁଆଁ ହୁଡ଼ିସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲକ୍ଷ୍ମୀକାନ୍ତ ନାଏକ, ଯୋଡ଼ା ବ୍ଲକ୍ ଅତିରିକ୍ତ ଶିକ୍ଷାଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା, ବିଲେଇପଦା ଉଚ୍ଚବିଦ୍ୟାଳୟର ସହକାରୀ ଶିକ୍ଷକ ଅଭିମନ୍ୟୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁ ମନ୍ଦିରରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ଖଇରା,୩୦।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଅଧୀନ ଖଇରା ନଟାପଡ଼ା ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପାଇଁ ଗୌରବ ଆଣି ଦେଇଥିବା ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଧାନ ଆଚାର୍ଯ୍ୟ ଶଶିକାନ୍ତ ଦାସଙ୍କ ଅଧକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ୫ମ ଶ୍ରେଣୀରେ ବୃତ୍ତି ପାଇଁ ଯୋଗ୍ୟ ବିବେଚିତ ସୁଶ୍ରୀ ପ୍ରୀତିପ୍ରଭା ବେହେରା ଓ ପ୍ରୀତମ କୁମାର ଜେନାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅଭିଭାବକ,ଗୁରୁମା ଓ ଗୁରୁଜୀମାନେ କରତାଳି ଦେଇ ସ୍ୱାଗତ କରିଥିଲେ। ଗୁରୁଜୀ ଦେବେନ୍ଦ୍ର ପାଣିଗ୍ରାହୀ, ପଙ୍କଜ ମହାନ୍ତି, ପ୍ରଭାକର ଓଝା, ତାପସ ନାୟକ, ରାଜେଶ ପଣ୍ଡା, ବଳରାମ ଲେଙ୍କା, ଅହଲ୍ୟା ପାଣି, ସବିତା ମହାନ୍ତି, ଇତିଶ୍ରୀ ନାୟକ, ମନୋରମା ଗିରି, ମମତା ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଖଟିଆରେ ବୁହାହେଲେ ରୋଗୀ

**କେନ୍ଦୁଝର,୩୦।୧୦ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଗନ୍ଧମାର୍ଦ୍ଦନ ଖଣି ତଳି ଗାଁ ଉରୁମୁଣ୍ଡାରେ ଜଣେ ରୋଗୀଙ୍କୁ ରବିବାର ଖଟିଆରେ ବୁହା ହୋଇଛି। ଅଧ କି.ମି ବୁହାହେବା ପରେ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ଜିଲା ମୁଖ୍ୟଚିକିତ୍ସାଳୟକୁ ନିଆଯାଇଛି। ସୂଚନା ମୁତାବକ, ଉରୁମୁଣ୍ଡା ଗନ୍ଧମାର୍ଦ୍ଦନର ଖଣି ପ୍ରଭାବିତ ଗାଁ। ଗାଁର ମରିଚିଝଡ଼ା ସାହିରେ ପ୍ରାୟ ୨୫ ପରିବାର ରୁହନ୍ତି। ଗାଁର ସୁଦର୍ଶନ ମୁଣ୍ଡା(୫୧) ବର୍ଷାଧିକ ସମୟ ଧରି ନିଜ ଘରେ ଅସୁସ୍ଥ ହୋଇ ପଡ଼ି ରହିଥିଲେ। ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ଖବର ପାଇ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରୁ ଏକ ଆମ୍ବୁଲାନ୍ସ ତାଙ୍କୁ ଆଣିବାକୁ ଯାଇଥିଲା। ତେବେ ତାଙ୍କ ସାହିକୁ ରାସ୍ତା ନ ଥିବାରୁ ଘରଠାରୁ ଅଧ କି.ମି ଦୂରରେ ଆମ୍ବୁଲାନ୍ସ ରହିଥିଲା। ତାଙ୍କୁ ଲୋକେ ଖଟିଆରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିଥିଲେ।

## ଶିକ୍ଷିତ ଯୁବପିଢ଼ିଙ୍କୁ ନ୍ୟାୟ ଦାବିରେ ଆନ୍ଦୋଳନ ଚେତାବନୀ




କର୍ମଚାରୀ ସମାବେଶରେ ମଞ୍ଚାସୀନ ଅତିଥି।

**ବାଲେଶ୍ୱର ଅଫିସ,୩୦।୧୦**

- ■ଆଉଟସୋର୍ସିଂ ପ୍ରଥା ଉଚ୍ଛେଦ, ସ୍ଥାୟୀ ନିଯୁକ୍ତି ଦାବି
- ■ଅନୁଷ୍ଠିତ ହେଲା କର୍ମଚାରୀ ସମାବେଶ

ରାଜ୍ୟର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କୁ ନିୟମିତ ନିଯୁକ୍ତି ପାଇଁ ସରକାର ଐତିହାସିକ ନିଷ୍ପତ୍ତି ନେଇଥିବା ବେଳେ ଆଉଟସୋର୍ସିଂ କର୍ମଚାରୀ ଅଣଦେଖାର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘର କର୍ମକର୍ତ୍ତା। ବାଲେଶ୍ୱର ସହରସ୍ଥିତ ବ୍ରିଟ୍ କଲ୍ୟାଣ ମଣ୍ଡପରେ ମହାସଂଘର ଜିଲାସ୍ତରୀୟ ସାଧାରଣ ସଭା ଆୟୋଜିତ ହୋଇଥିଲା। ମହାସଂଘର ରାଜ୍ୟ ସଭାପତି ସଞ୍ଜୟ ପଟ୍ଟନାୟକ ଯୋଗଦେଇ ଓଡ଼ିଶାରେ ଦୀର୍ଘଦିନ ଧରି ପରିଚାଳିତ ଆଉଟସୋର୍ସିଂ ପ୍ରଥାରେ କାର୍ଯ୍ୟରତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଓ ତାହାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଆଉଟସୋର୍ସିଂ କର୍ମଚାରୀଙ୍କ ପ୍ରତି ସରକାର ଅଦ୍ୟାବଧି କୌଣସି ନିଷ୍ପତ୍ତି ନେଇ ନ ଥିବା ବେଳେ ଶାନ୍ତିପୂର୍ଣ୍ଣ ଭାବେ ଚାପ ସୃଷ୍ଟି ଦ୍ୱାରା ମୁଖ୍ୟମନ୍ତ୍ରୀ ଏହି ବ୍ୟବସ୍ଥା ପ୍ରତ୍ୟାହାର ପାଇଁ ପଦକ୍ଷେପ ନେବେ ବୋଲି ଆଶା ପୋଷଣ କରିଥିଲେ । ସ୍ୱଳ୍ପ ଦରମା ଓ ଅନିଶ୍ଚିତ ଭବିଷ୍ୟତ ମଧ୍ୟରେ ଦିନ ରାତି ଏକ କରି ଶାସନର ମେରୁଦଣ୍ଡ ସାଜିଥିବା ଆଉଟସୋର୍ସିଂ କର୍ମଚାରୀମାନଙ୍କ ପ୍ରତି ସରକାରୀ ଉଦାସୀନତାକୁ ନେଇ ସେମାନଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ଅସନ୍ତୋଷ କ୍ରମଶଃ ଜନ ଆନ୍ଦୋଳନର ରୂପ ନେବ ବୋଲି ପଟ୍ଟନାୟକ ଚେତାବନୀ ଦେଇଥିଲେ ।

ରାଜ୍ୟ ସାଧାରଣ ସମ୍ପାଦକ ମାନସ ରଞ୍ଜନ ଦାଶ ଏଥିରେ ଯୋଗଦେଇ ଆଉଟସୋର୍ସିଂ ପ୍ରଥାର ବିଲୋପ ଏବଂ ରାଜ୍ୟରେ କାର୍ଯ୍ୟରତ ୮୦ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀମାନଙ୍କୁ ନିୟମିତ କରିବା ପାଇଁ ସରକାରଙ୍କ ଉଦ୍ଦେଶ୍ୟରେ ଦାବି ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାସଂଘର କୋଷାଧକ୍ଷ ସଚିତ୍ର କୁମାର ଦାଶ, କାର୍ଯ୍ୟକାରୀ ସଦସ୍ୟ ଅସୀମାନନ୍ଦ ରାୟ ସଂଘର ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ବାଲେଶ୍ୱର ଆଉଟସୋର୍ସିଂ କର୍ମଚାରୀ ସଂଘର ଜିଲା ସଭାପତି ପ୍ରଶାନ୍ତ ବାରିକଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ଉପସ୍ଥିତ ରହି ଜିଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ୨ହଜାରରୁ ଉର୍ଦ୍ଧ୍ୱ ବିଭିନ୍ନ ବର୍ଗର କର୍ମଚାରୀମାନେ କିଭଳି ଆର୍ଥିକ ଏବଂ ମାନସିକସ୍ତରରେ ଦୁର୍ଦ୍ଦଶା ଭୋଗୁଛନ୍ତି ତାହା ଉପରେ ଆଲୋକପାତ କରିଥିଲେ। ସାନୁ କୁମାର ଶାସମଲ ଧନ୍ୟବାଦ ଅର୍ପଣ କରିଥିଲେ।

## 'ନିଜର ବଳିଷ୍ଠ ପ୍ରତିଭାକୁ ବିକାଶ କର'

### ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

**ଘଟଗାଁ,୩୦।୧୦(ଡି.ଏନ୍.ଏ)**

କେନ୍ଦୁଝର ଜିଲା ଘାଟଗାଁ ବ୍ଲକ୍ ବାରହାଟିପୁରା ନୀଳକଣ୍ଠେଶ୍ୱର ହାଇସ୍କୁଲରେ ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ର ନିଜ ନିଜର ବଳିଷ୍ଠ ପ୍ରତିଭାକୁ ବିକାଶ କରିବାକୁ କହିଥିଲେ। ସର୍ବଦା ଜୀବନରେ ଭଲ ମଣିଷ ହେବା ପାଇଁ ଉଦ୍ୟମ କରିବାକୁ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଘାଟଗାଁ ବ୍ଲକ୍ ଚେୟାରମ୍ୟାନ ଗୀତାଞ୍ଜଳି ନାୟକ, ଏବିଡିଓ ଚିତ୍ତରଞ୍ଜନ ନାୟକ, ସମିତି ସଭ୍ୟା ସାବିତ୍ରୀ ମୁଣ୍ଡା, ଏବିଇଓ ଅମ୍ବିକା ପ୍ରସାଦ ପତି, ପୁରୁଷୋତ୍ତମ ଧଳ, ମୋ ସ୍କୁଲ ସଭାପତି ସାରଙ୍ଗଧର ରଣା, ଘଟଗାଁ ବ୍ଲକ୍ ଶିକ୍ଷାଧିକାରୀ(ବିଇଓ) କୃଷ୍ଣପ୍ରସାଦ ମହାପାତ୍ର ଓ ବରାହାଟିପୁରା ସରପଞ୍ଚ ଗୋବର୍ଦ୍ଧନ ନାଏକ ଯୋଗଦେଇଥିଲେ। ଏହି ଅବସରରେ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଘାଟଗାଁ ବ୍ଲକ୍ ଅନ୍ତର୍ଗତ ୧୩ କ୍ଲଷ୍ଟରରୁ ୧୯୫ ଜଣ ଛାତ୍ରୀଛାତ୍ରୀ ବିତର୍କ, ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା, ଚିତ୍ରକଳା, ଶିଳ୍ପକଳା, ଓଡ଼ିଆ ହସ୍ତାକ୍ଷର ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଚାରକ ଭାବେ ଶିକ୍ଷକ ଫକୀର ଚରଣ ସାହୁ, ଅମୂଲ୍ୟ ଦତ୍ତ ସୁବର୍ଣ୍ଣ ପଲେଇ, ଯଶୋବନ୍ତ ମୁଣ୍ଡା, ସିରସିସି ସଚ୍ଚିଦାନନ୍ଦ ପ୍ରଧାନ, କହ୍ନେଇଚରଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ସୁମଧୁର ସଙ୍ଗୀତରେ ଝୁମିଲେ ଶ୍ରୋତା

**ନୀଳଗିରି,୩୦।୧୦(ସ୍ୱ.ପ୍ର)**

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ସନ୍ତରାଗଡ଼ିଆସ୍ଥିତ ହାଇସ୍କୁଲ ପଡ଼ିଆରେ କାଳୀପୂଜା ଉତ୍ସବ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। ରଙ୍ଗୀନ ଆଲୋକ ମାଳାର ସାଜସଜ୍ଜା ତଥା କାଳୀପୂଜା ମଣ୍ଡପ ଦର୍ଶକଙ୍କୁ ବେଶ ଆକର୍ଷିତ କରିଥିଲା। ଓଡ଼ିଆ ସଂଗୀତର ଯୁବ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ସୁମଧୁର କଣ୍ଠର ଯାଦୁରେ ଶ୍ରୋତା ଝୁମି ଉଠିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୀଳଗିରିର ଯୁବ ସାମାଜିକ କର୍ମୀ ସବ୍ୟସାଚୀ ମହାପାତ୍ର (ଟୁବୁଲୁ) ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀୟ ଅତିଥି ଭାବେ ୨ନ୍ୱର ଜୋନ୍‌ର ଜିଲାପରିଷଦ ସଦସ୍ୟା ଉଷାରାଣୀ ରାଉଳ, କାଣ୍ଡଗରଡ଼ି ପଞ୍ଚାୟତର ସରପଞ୍ଚ ରାଜେନ୍ଦ୍ର ରାଉତ, ମୁଖ୍ୟବକ୍ତା ଭାବେ ଜିଲା ବିଜେଡି ଯୁବ ସଭାପତି ତାପସ ପରିଡ଼ା ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ କପିଳ ସାମଲ। ବଜାର କମିଟି ସଭାପତି ହିମାଂଶୁ ଶେଖର ସେନାପତି, ସମ୍ପାଦକ ମହାଜିତେଶ୍ୱର ଜେନା, ଯୁବ ସାମାଜିକ କର୍ମୀ ଟିଙ୍କୁ ଚନ୍ଦନ ଦାସଙ୍କ ସମେତ ଶତାଧିକ ବଜାର କମିଟି ସଦସ୍ୟ ଉପସ୍ଥିତରହି ସହଯୋଗ କରିଥିଲେ।



କାଳୀପୂଜା ଉତ୍ସବରେ ଉପସ୍ଥିତ ଅତିଥିମାନେ।

## ନାବାଳିକା ନିଖୋଜ

କୁଆମରା, (ଡି. ଏନ. ଏ): ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅନ୍ତର୍ଗତ କୁଆମରା ଗ୍ରାମକୁ କାଳିପୂଜା ଦେଖିବାକୁ ଆସି ଜଣେ ନାବାଳିକା(୧୪) ନିଖୋଜ ହୋଇଯାଇଛନ୍ତି। ବୈଶିଙ୍ଗା ଥାନା ଅଞ୍ଚଳର ନାବାଳିକା ପିଯୁସା ଘର କୁଆମରାକୁ ବୁଲିବାକୁ ଆସିଥିବା ବେଳେ ୨୫ ତାରିଖ ରାତିରେ ଯାତ୍ରା ଦେଖିବା ପାଇଁ ଯାଇ ଫେରି ନ ଥିଲେ। ପିଯୁସା ଘର ଏବଂ ନିଜ ଘର ଲୋକେ ଖୋଜାଖୋଜି କରି ନ ମିଳିବାରୁ କୁଆମରା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଏ ନେଇ ନଂ. ୨୯୯/୨୨ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଫାଣ୍ଡି ଅଧିକାରୀ ବିବି ସ୍ୱାଇଁ କହିଛନ୍ତି।

# ଭଦ୍ରକକାଳୀ ପୂଜା: ଶେଷଦିନରେ ଜମିଲା ଭିଡ଼

ଭଦ୍ରକ ଅଫିସ, ୩୦।୧୦

୭ଦିନ ଧରି ଚାଲିଥିବା ଭଦ୍ରକ କାଳୀପୂଜା ରବିବାର ଶେଷ ହୋଇଛି। ଶେଷଦିନରେ ଲକ୍ଷାଧିକ ଲୋକଙ୍କ ଭିଡ଼ ଜମିଥିଲା। ଏପରିକି ଭଦ୍ରକ ଡାହାଣୀଗଡ଼ିଆ ଛକଠାରୁ ଚରମ୍ପା ଓଭରବ୍ରିଜ୍ ପର୍ଯ୍ୟନ୍ତ ପ୍ରାୟ ୨ କି.ମି.ରୁ ଊର୍ଦ୍ଧ୍ୱ ରାସ୍ତା ଦୁଇଘଣ୍ଟା ଧରି ଜାମ୍ ହୋଇରହିଥିଲା। ଉଭୟପାର୍ଶ୍ୱରୁ ୫ହଜାରରୁ ଊର୍ଦ୍ଧ୍ୱ ବାଇକ୍ ଆରୋହୀଙ୍କ ସହ ପଥଚାରୀ ଫଶି ରହିଥିଲେ। ଭିଡ଼ ଭାଙ୍ଗିବା ପାଇଁ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। ସନ୍ଧ୍ୟାରେ ବିଶାଣିଖରିଦା ବାସନ୍ତୀ କାଳୀମଣ୍ଡପରେ ନରକଙ୍କାଳମାନଙ୍କର


ମୀନାବଜାରରେ ଲୋକଙ୍କ ଭିଡ଼।

### ଆଜି ମେଲାଣି ନେବେ ମା'

ହରେକୃଷ୍ଣ ହରେରାମ ନାମ ସଂକୀର୍ତ୍ତନ ଦେଖିବାକୁ ଲୋକଙ୍କ ମନରେ ବେଶ୍ ଉତ୍ସାହ ଦେଖାଯାଇଥିଲା। ସେହିପରି ହାଇସ୍କୁଲ ରୋଡ୍ ପୂଜା ମଣ୍ଡପ ପାଖରେ ହୋଇଥିବା ସେଲ୍ଫି ପଏଣ୍ଟରେ ବହୁ ଯୁବତୀ, ଯୁବକ ଓ ପରିବାର ସମେତ ସେଲ୍ଫି ନେଇଥିଲେ। ଏହି ମେଳାରେ ବହୁ ସଂଖ୍ୟକ ଘରକରଣା ସାମଗ୍ରୀ ଓ ମନୋହରି ଦୋକାନ ଖୋଲିଥିବା ବେଳେ ବ୍ୟବସାୟୀମାନେ ଏଥର ଖୁବ୍ ଭଲ ବ୍ୟବସାୟ ହୋଇଥିବା ନେଇ ସନ୍ତୋଷ ପ୍ରକାଶ କରିଛନ୍ତି। ସୋମବାର ମା' କାଳୀ ମେଲାଣି ନେବେ।

# ଜମୁଛି ଟ୍ରାଫିକ୍ ଛକ ପୂଜା


ମଣ୍ଡପରେ ପୂଜା ପାଉଛନ୍ତି ମା' କାଳୀ।

ବାସୁଦେବପୁର, ୩୦।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର କାଳୀପୂଜାର ସ୍ୱତନ୍ତ୍ରତା ଥିବାବେଳେ ଏବେ ପୂଜା ମଣ୍ଡପଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ସର୍ବପୁରାତନ ଟ୍ରାଫିକ ଛକ କାଳୀପୂଜା ଚଳିତବର୍ଷ ୭୮ବର୍ଷରେ ପହଞ୍ଚିଛି। ଆମ କାଳୀ କମିଟିର ପ୍ରତ୍ୟେକ ତତ୍ତ୍ୱାବଧାନରେ ଆକର୍ଷଣୀୟ ମେଢ଼ ସହ ମା'ଙ୍କୁ ବିଭିନ୍ନ ଅଳଙ୍କାରରେ ସୁସଜ୍ଜିତ କରାଯାଇଛି। ସେହିପରି ଦୁଇପାଖରେ ୨ଟି ପୌରାଣିକ ଚିତ୍ରକଳ୍ପ ଚଳିତବର୍ଷ ପୂଜା ମଣ୍ଡପରେ ସ୍ଥାନ ପାଇଛି। ପୌରାଣିକ ଉପାଖ୍ୟାନ ମାର୍କଣ୍ଡେୟଙ୍କ ଭକ୍ତ ଓ ମା' ଯଶୋଦାଙ୍କର ବିଶ୍ୱରୂପ ଦର୍ଶନ ଚିତ୍ରକଳ୍ପକୁ ଅତି ନିଖୁଣ ଭାବେ ଚିତ୍ରଶିଳ୍ପୀ ଶୁକଦେବ ମଣ୍ଡଳ ଉପସ୍ଥାପିତ କରିଛନ୍ତି। ଏହାକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଗହଳି ଲାଗୁଛି। ସୁନ୍ଦର ତୋରଣ ଓ ରଙ୍ଗିନ ଆଲୋକମାଳା ମଣ୍ଡପକୁ ଅଧିକ ଆକର୍ଷଣୀୟ କରିଛି। ଶ୍ରଦ୍ଧାଳୁଙ୍କ ମନ ଜିଣିବା ପାଇଁ ପୂଜା କମିଟି ପକ୍ଷରୁ ସମସ୍ତ ଉଦ୍ୟମ କରାଯାଇଥିବା ପୂଜା ସଭାପତି କିଶୋର କୁମାର ମହାପାତ୍ର ଓ ସମ୍ପାଦକ ମାଧବ ଚନ୍ଦ୍ର ପୁହାଣ କହିଛନ୍ତି। ମଣ୍ଡପରେ ପ୍ରଥମେ ବାସୁଦେବପୁର ଥାନାରୁ ଆସିଥିବା ଭୋଗକୁ ମା'ଙ୍କଠାରେ ପୂଜା ବେଳେ ପ୍ରଦାନ କରାଯାଇଥିଲା। ୧୯୪୪ରେ ପ୍ରଥମେ ବାସୁଦେବପୁରରେ ମା' କାଳୀଙ୍କ ପୂଜା ଆରମ୍ଭ ହୋଇଥିଲା। ବାସୁଦେବପୁର ଥାନାର ତତ୍କାଳୀନ କର୍ମଚାରୀ ମହେନ୍ଦ୍ର ମୁନସୀ, ଡାକ୍ତରଖାନା କର୍ମଚାରୀ କୈଳାସ କମ୍ପାଉଣ୍ଡର, ବାସୁଦେବପୁର ଅଞ୍ଚଳର ଶିକ୍ଷାଗୁରୁ ପୁରୁଷୋତ୍ତମ ପଟ୍ଟନାୟକ, ପ୍ରାଣବନ୍ଧୁ ଦାସ, ନିଶାକର ମହାନ୍ତିଙ୍କ ସମେତ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତିଙ୍କ ଉଦ୍ୟମ ଓ ସହଯୋଗରେ ଏକ ଝାଟିମାଟି ଘରେ ପୂଜା ଆରମ୍ଭ କରାଯାଇଥିଲା। ପରବର୍ତ୍ତୀ ସମୟରେ ସ୍ଥାନୀୟ ଅଞ୍ଚଳର ମୁସଲମାନ ଭାଇମାନେ ମଧ୍ୟ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ଅଦ୍ୟାବଧି ମଧ୍ୟ ଏହି ପରମ୍ପରା ଚାଲି ଆସୁଛି। ବଜାର ମଧ୍ୟରେ ଥିବା ମୁସଲମାନ ବ୍ୟବସାୟୀମାନେ ଅକୁଣ୍ଠ ଚିତ୍ତରେ ପୂଜା ପାଇଁ ସହଯୋଗ ଯୋଗାଇଥାନ୍ତି। ଏବେ ସ୍ଥାୟୀ ପକ୍କାଗୃହ ନିର୍ମାଣ କରାଯାଇ ମା'ଙ୍କୁ ପୂଜା କରାଯାଉଛି।

# ମହାଲକ୍ଷ୍ମୀ ବେଶରେ ଭଦ୍ରକାଳୀ

### ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି

ଭଦ୍ରକ ଅଫିସ,୩୦।୧୦-ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀ ସପ୍ତମାତୃକା ବେଶର ଅନ୍ତିମ ଦିବସରେ ରବିବାର ମହାଲକ୍ଷ୍ମୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ମା' ହଳଦିଆ ରଙ୍ଗର ବସ୍ତ୍ର ପରିଧାନ କରିଥିବା ବେଳେ ମୁଖମଣ୍ଡଳ ମଧ୍ୟ ହଳଦିଆ ଥିଲା। ପଦ୍ମାସନରେ ମା' ବିରାଜମାନ କରିଥିବା ବେଳେ ହସ୍ତୀ ଓ ପେଚା ବାହନ ଥିଲା। ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ଭୂଷିତ ହୋଇ ଚତୁର୍ଦ୍ଧାମୂର୍ତ୍ତିରେ ପ୍ରକଟ ହୋଇଥିଲେ। ପୂର୍ବାହ୍ନରେ ମା'ଙ୍କର ଏହି ବେଶ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ସପ୍ତମାତୃକା ବେଶର ଅନ୍ତିମ ଦିନ ସାଙ୍ଗକୁ ଦୀପାବଳିଠାରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଅପରାହ୍ନରେ ଦିଆଯାଇଛି। ମା' ଭଦ୍ରକାଳୀଙ୍କ ମହାଲକ୍ଷ୍ମୀ ବେଶ ଓ ମହାଯଜ୍ଞର ପୂର୍ଣ୍ଣାହୁତି ଦେଖିବାକୁ ସନ୍ଧ୍ୟାରେ ପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା।


ମା' ଭଦ୍ରକାଳୀ ରବିବାର ମହାଲକ୍ଷ୍ମୀ ବେଶରେ ଦର୍ଶନ ଦେଉଛନ୍ତି।


ଭଦ୍ରକାଳୀ ପୀଠରେ ମହାଯଜ୍ଞର ପୂର୍ଣ୍ଣାହୁତି ଦିଆଯାଉଛି।

# ସ୍ୱଚ୍ଛ ଶାସନ କେବଳ ଏଏପି ସରକାର ଦେଇପାରିବ

ମୋରଡ଼ା,୩୦।୧୦(ଡି.ଏନ.ଏ)

ରାଜ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ ସେବା ଭୁଷୁଡ଼ି ପଡ଼ିଛି। ଦରଦାମ ବୃଦ୍ଧି, ବିଜୁଳି ସମସ୍ୟା, ଦୁର୍ନୀତି ଭ୍ରଷ୍ଟାଚାର ବୃଦ୍ଧି ପାଇଛି। ରାଜ୍ୟରେ ସ୍ୱଚ୍ଛ ଶାସନ କେବଳ ଆମ ଆଦମୀ ପାର୍ଟି(ଏଏପି) ସରକାର ଦେଇ ପାରିବ। ଏଏପି ସରକାର ଆସିଲେ ଦିଲ୍ଲୀ ଭଳି ଜଳ, ବିଦ୍ୟୁତ୍ ମାଗଣା ସହିତ ଗରିବ ଲୋକଙ୍କ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରାଯିବ। ମୟୂରଭଞ୍ଜ ଜିଲା ମୋରଡ଼ା ନିକଟ ଧାନଶୋଳାଠାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଏଏପି ଜିଲା ପ୍ରଭାରୀ ଜୟସୂର୍ଯ୍ୟ କାନୁନଗୋ ଭାଷଣରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୋରଡ଼ା ନିର୍ବାଚନ ମଣ୍ଡଳୀ ସଂଯୋଜକ ବିଶ୍ୱବିଜୟ ପଣ୍ଡା, ମହିଳା ନେତ୍ରୀ ଦେବସ୍ମିତା ମହାପାତ୍ର, କୋର୍ କମିଟି ସଭାପତି କୁନାଲ ମିଶ୍ର, ବ୍ଲକ୍‌ର ସକ୍ରିୟ କର୍ମୀ ଅଜୟ ମହାନ୍ତ, ଉଦଳା ନିର୍ବାଚନ ମଣ୍ଡଳୀ ସଂଯୋଜକ ସତ୍ୟସୁନ୍ଦର ଦେ, ରାସୋଗବିନ୍ଦପୁର୍ ବ୍ଲକ୍‌ର ସକ୍ରିୟ କର୍ମୀ ଜଗନ୍ନାଥ ଦାସ, ଗୋବିନ୍ଦ ଚନ୍ଦ୍ର ମହାନ୍ତି, କିଶୋର ପାଢ଼ୀ, ତପନ ରଣା, ଦୀପକ ଦାସ ପ୍ରମୁଖ ଯୋଗଦେଇଥିଲେ।

# ସରକାର ଆମକୁ ନିୟମିତ କର

ବାରିପଦା ଅଫିସ,୩୦।୧୦

ପଞ୍ଚାୟତ ସ୍ତରରେ ଥିବା କର୍ମଚାରୀମାନଙ୍କୁ ନିୟମିତ କରିବା ଦାବିରେ ବାରିପଦାସ୍ଥିତ କର୍ମଚାରୀ ଭବନ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କର୍ମଚାରୀ ସଂଘର ସଭାପତି ଭାନୁଦେବ ଦାସ ଓ ସମ୍ପାଦକ ଦିବାକର ବିନ୍ଧାଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୨୬ ବ୍ଲକରୁ ଆସିଥିବା ପିଅନ, ରାତ୍ରିଜଗୁଆଳି ଓ ଝାଡୁଦାରମାନେ ଉପସ୍ଥିତ ରହି ବିଭିନ୍ନ ଦାବି ସମ୍ପର୍କରେ ସେମାନେ ଆଲୋଚନା କରିଛନ୍ତି। ରାଜ୍ୟ ସରକାର ଠିକା ନିଯୁକ୍ତି ଉଚ୍ଛେଦ କରିବା ଏକ ଐତିହାସିକ ନିଷ୍ପତ୍ତି ବୋଲି କହିବା ସହ ଆମକୁ ନିୟମିତ କରନ୍ତୁ ବୋଲି ଦାବି କରିଥିଲେ।

ଏହାସହ ସ୍ଥାୟୀ ନିଯୁକ୍ତି, ନିୟମିତ ଦରମା, ସମାନ କାମକୁ ସମାନ ଦରମା, ୨୦୧୪ ନିୟମ ୧୨୫ ଓ ୧୯୬୪ ନିୟମ ୧୨୩ ଧାରାକୁ ତୁରନ୍ତ ସଂଶୋଧନ କରିବା, ରାଜ୍ୟ ବଜେଟରେ ଏହି କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ବଜେଟ ରଖିବା, ପଞ୍ଚାୟତିରାଜ ବିଧି ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା ସହ ଇ-ଗଭର୍ନାନ୍ସ ପୋର୍ଟାଲ, ପିଆର୍ ବିଭାଗରେ କର୍ମଚାରୀଙ୍କୁ ତାଲିକାଭୁକ୍ତ, ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ପଦୋନ୍ନତି, ଶ୍ରମ ଓ ନିୟୋଜନ ବିଭାଗ ଦ୍ୱାରା ଘୋଷଣା କରାଯାଇଥିବା ଦୈନିକ ସର୍ବନିମ୍ନ ମଜୁରି ୩୩୩ ଟଙ୍କାରୁ କମ୍ ହେଉ ନ ଥିବା ପାରିଶ୍ରମିକ ପିଆର୍ ବିଭାଗରୁ ଏକ ଷ୍ଟାଣ୍ଡାର୍ଡ ଅର୍ଡର ପ୍ରତ୍ୟେକ ପଞ୍ଚାୟତକୁ ପଠାଇବା, ଚାକିରି କ୍ଷେତ୍ରରେ ସୁରକ୍ଷା ପ୍ରଦାନ ଆଦି ଦାବି କରାଯାଇଛି। ଏନେଇ ଏକ ଦାବିପତ୍ର ଡାକ ଜରିଆରେ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com


@ସତ୍ୟରଞ୍ଜନ


@ଶଶିକାନ୍ତ


@ନାରାୟଣ


@ସମୀର

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ଓରାମ ଜନଜାତି ସାରନା କମିଟି ବୈଠକ

କେନ୍ଦୁଝର,୩୦।୧୦(ସ୍ୱ.ପ୍ର)

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ଶଙ୍କିରୀ ପଞ୍ଚାୟତ ଜଡ଼ିପଦା ଗ୍ରାମରେ ଓରାମ ଜନଜାତି ସାରନା କମିଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷା ସୁଶ୍ରୀଲକ୍ଷ୍ମୀ ନାଏକ, ଦଳିତ ଆଦିବାସୀ ବିକାଶ ସଂସ୍ଥାନ କେନ୍ଦୁଝରର ଅଧ୍ୟକ୍ଷ ରମାକାନ୍ତ ପାତ୍ର, ଯୁବ ସାମ୍ବାଦିକ ଦୁର୍ଯ୍ୟୋଧନ ପାତ୍ର, ସମାଜସେବୀ ରାମେଶ୍ୱର ପରିଜା ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ଓରାମ ସମ୍ପ୍ରଦାୟର ଭଉଣୀ ଓ ଭାଇମାନେ ମାଦଳ ତାଳେତାଳେ ନୂତନ ଭାବେ ନବନିଯୁକ୍ତ ଜିଲା ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷା ନାଏକଙ୍କ ସମେତ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଆଦିବାସୀମାନଙ୍କୁ ମୁଖ୍ୟସ୍ରୋତକୁ ଆସିବାକୁ ହେଲେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଜାଣିବା ସହ ଏହାର ସୁବିଧା ପାଇବା ପାଇଁ ନାଏକ ଅବଗତ କରିଥିଲେ। ଶଙ୍କିରୀ ସରପଞ୍ଚ ସଂଯୁକ୍ତା ନାୟକ ଯୋଗଦେଇ ଓରାମ ସମାଜର ବିକାଶ ଓ ଉନ୍ନତି ପାଇଁ ଆଲୋଚନା କରିଥିଲେ। ବୈଠକରେ ଓରାମ ଜନଜାତି ସାରନା କମିଟିର ସଭାପତି ଗୌରଚାନ୍ଦ ଓରାମ, ସଦସ୍ୟ ଭିମସେନ ଓରାମ, ଗୌରଚନ୍ଦ୍ର ଓରାମ, ହରିହର ଓରାମ, ଶୁକଦେବ ଓରାମ, ବାବୁରାମ ଓରାମ, ମଙ୍ଗଲ ଓରାମ ସମେତ ସମସ୍ତ ସଭ୍ୟା/ସଭ୍ୟ ଉପସ୍ଥିତ ଥିଲେ।



ଓରାମ ଜନଜାତି ସାରନା କମିଟିର ସଦସ୍ୟ।

# ସ୍ୱତନ୍ତ୍ର ବିଦ୍ୟାଳୟ ଚୁକ୍ତିଭିତ୍ତିକ କର୍ମଚାରୀ ଉପେକ୍ଷିତ

ବାଲେଶ୍ୱର ଅଫିସ,୩୦।୧୦

ବାଲେଶ୍ୱର ଜିଲା ସ୍ୱତନ୍ତ୍ର ବିଦ୍ୟାଳୟ କର୍ମଚାରୀ ସଂଘ ଅଫିସ ପରିସରରେ ଏକ ଖବରଦାତା ସମ୍ମିଳନୀ ଆୟଜିତ ହୋଇଥିଲା। ଏଥିରେ ସଂଘ ବରିଷ୍ଠ ସଦସ୍ୟ ଗୌରାଙ୍ଗ ଚରଣ ପ୍ରଧାନ ଯୋଗଦେଇ ସମ୍ପ୍ରତି ସାଧାରଣ ବର୍ଗ ବିଦ୍ୟାଳୟର ଚୁକ୍ତିଭିତ୍ତିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ଥାୟୀ ନିଯୁକ୍ତି ପାଇଁ ନିଷ୍ପତ୍ତି ନିଆ ଯାଇଥିବା ବେଳେ ସ୍ୱତନ୍ତ୍ର ବିଦ୍ୟାଳୟର କର୍ମଚାରୀଙ୍କୁ ଏଥିରୁ ବାଦ ଦିଆଯିବାକୁ ନେଇ ଅସନ୍ତୋଷ କ୍ରମଶଃ ବୃଦ୍ଧି ପାଉଥିବା ପ୍ରକାଶ କରିଥିଲେ।

ସମ୍ମିଳନୀରେ କର୍ମକର୍ତ୍ତାମାନେ ଯୋଗଦେଇ ସେମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ଉପେକ୍ଷା ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ଗ୍ରାଣ୍ଟ-ଇନ-ଏଡ୍ ବ୍ୟବସ୍ଥା ନ ଥାଇ ମଧ୍ୟ ସାଧାରଣ ବର୍ଗର କର୍ମଚାରୀଙ୍କୁ ରେଗୁଲାର ପାଇଁ ଘୋଷଣା ହୋଇଥିବା ବେଳେ ସ୍ୱତନ୍ତ୍ର ବିଦ୍ୟାଳୟ କର୍ମଚାରୀଙ୍କୁ ପ୍ରତି ନ୍ୟାୟ ବିଚାର କରାଯାଉନାହିଁ ବୋଲି ସେମାନେ କହିଥିଲେ। ସେମାନଙ୍କ କାର୍ଯ୍ୟକାଳ ୪ବର୍ଷ ପୁରିଥିଲେ ମଧ୍ୟ ୫୦ ପ୍ରତିଶତ ଦରମାରୁ ସ୍ୱତନ୍ତ୍ର ବିଦ୍ୟାଳୟ କର୍ମଚାରୀଙ୍କୁ ବାଦ ଦିଆଯାଇଥିବା ସେମାନେ ଅଭିଯୋଗ କରିଥିଲେ । ବାଲେଶ୍ୱର ଜିଲାରେ ପରିଚାଳିତ ୯ଟି ସ୍ୱତନ୍ତ୍ର ବିଦ୍ୟାଳୟରେ ଶାରିରୀକ ତଥା ମାନସିକ ଅକ୍ଷମ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ସ୍ରୋତରେ ସାମିଲ ପାଇଁ କର୍ମଚାରୀମାନେ ଆପ୍ରାଣ ଉଦ୍ୟମ ଚଳାଇବା ସହ ସରକାରଙ୍କ ପ୍ରତ୍ୟେକ ଯୋଜନା କାର୍ଯ୍ୟକାରିତାରେ ସହଯୋଗୀ ହୋଇଛନ୍ତି । ସ୍ୱତନ୍ତ୍ର ବିଦ୍ୟାଳୟ ପାଇଁ ସରକାର ସମସ୍ତ ପ୍ରକାର ଆର୍ଥିକ ଅନୁଦାନ ପ୍ରଦାନ କରୁଥିବା ବେଳେ ବିଦ୍ୟାଳୟର ପରିଚାଳନା ଦାୟିତ୍ୱ କେଉଁ ଉଦ୍ଦେଶ୍ୟରେ ଅଣ-ସରକାରୀ ସଂଗଠନଙ୍କ ହାତରେ ନ୍ୟସ୍ତ ହୋଇଛି ବୋଲି ସଂଘ କର୍ମକର୍ତ୍ତାମାନେ ପ୍ରଶ୍ନ କରିଥିଲେ। ସ୍ୱତନ୍ତ୍ର ବିଦ୍ୟାଳୟ କର୍ମଚାରୀ ସଂଘ ପକ୍ଷରୁ ଉତଥାପିତ ଦାବି ସମୁହକୁ ସରକାର ଆନ୍ତରିକତାର ସହ ଗ୍ରହଣ କରିନେବେ ବୋଲି କର୍ମକର୍ତ୍ତାମାନେ ଆଶାପ୍ରକାଶ କରିଥିଲେ। ଅନ୍ୟଥା ନ୍ୟାର୍ଯ୍ୟ ଦାବିରୁ ଉପେକ୍ଷିତ କର୍ମଚାରୀମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ ପାଇଁ ବାଧ ହେବେ ବୋଲି ଚେତାବନୀ ଦେଇଥିଲେ । ଗୌରାଙ୍ଗ ଚରଣ ପ୍ରଧାନ, ଚନ୍ଦ୍ରଜିତ ନାୟକ, ଗୀତାଞ୍ଜଳି ପ୍ରଧାନ, ଗୌରାଙ୍ଗ ପାତ୍ର, କୃଷ୍ଣଚନ୍ଦ୍ର ପାଢୀ, ଜୟନ୍ତ କୁମାର ସାହୁ, ଲକ୍ଷ୍ମୀକାନ୍ତ ଦାସ, ପ୍ୟାରୀ ମୋହନ ଭୂୟାଁ, ଦେବୀପ୍ରସାଦ କର, ଦୀପକ ବେହେରା, ପ୍ରବିତ୍ରରାଣୀ ଖୁଣ୍ଟିଆ, ମନୋଜ ପଲାଇ ପ୍ରମୁଖ ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ ।


ଖବରଦାତା ସମ୍ମିଳନୀରେ ଉପସ୍ଥିତ ସଂଘର ସଦସ୍ୟ।

